## ସଂକ୍ଷେପରେ

### କବି ମାୟାଧର ମାନସିଂହଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୩।୧୧
(ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ପାଠଚକ୍ର ଉଦ୍‌ଘାଟନ ସହ କବି ମାୟାଧର ମାନସିଂହଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କବି ମାୟାଧର ମାନସିଂହଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟ ସାରଳା ଚେୟାରର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର କବି ମାନସିଂହଙ୍କ ବିଭିନ୍ନ ସାହିତ୍ୟ କୃତିର ତୁଳନାତ୍ମକ ସମୀକ୍ଷା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ମୁଖ୍ୟ ଡ. ଚକ୍ରଧର ବେହେରା ଯୋଗଦେଇଥିବାବେଳେ ଆସିଷ୍ଟାଣ୍ଟ ପ୍ରଫେସର ଡ.ଆଶିଷ ମହାପାତ୍ର, ଅଧ୍ୟାପକ ଡ. ଅଜୟ କୁମାର ବିଶ୍ୱାଳ, ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ପ୍ରମୁଖ କବିଙ୍କ ବିଭିନ୍ନ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗର ଛାତ୍ରୀ ପ୍ରୀତିପ୍ରତୀକ୍ଷା ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ଶର୍ମିଷ୍ଠା ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗୀୟ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତି ବିଭାଗର ଛାତ୍ର ଅବିନାଶ ରାଉତ କବି ମାନସିଂହଙ୍କ କବିତା ଆବୃତ୍ତି କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ନନ୍ଦନକାନନରେ ଷ୍ଟମ୍ପ୍‌ଟେଲ ମାଙ୍କଡ଼ ମୃତ

ତ୍ରିଶୂଳିଆ, ୧୩।୧୧
(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଗତ ୨ ଦିନ ତଳେ ମାଙ୍କଡ଼ଙ୍କ ପାଇଁ ଖୁଆଡ଼ ପ୍ରସ୍ତୁତ ହୋଇଥିବାବେଳେ ମଙ୍ଗଳବାର ୬୦ ନଂ.(ଖ) ଖୁଆଡ଼ରେ ରହୁଥିବା ଏକ ଷ୍ଟମ୍ପ୍‌ଟେଲ ମାଙ୍କଡ଼ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମାଙ୍କଡ଼ର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିବାବେଳେ ମୃତ୍ୟୁ ଘଟିଥିବା ନନ୍ଦନକାନନ କର୍ତ୍ତୃପକ୍ଷ କହିଛନ୍ତି।

### ନାବାଳିକାଙ୍କୁ ଅସଦାଚରଣ କରି ୨ ଗିରଫ

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ)

ଦାଢ଼ାପାଟଣା ଗ୍ରାମ ରେଳଧାରଣା ଓଭରବ୍ରିଜ୍ ନିକଟରେ ସୋମବାର ରାତିରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବେଲଗଛିଆ ପଞ୍ଚାୟତ ଅଧୀନ ଗୋଠପୁର ଗ୍ରାମର ବଳରାମ ସ୍ୱାଇଁ ଓ ଧୀରେନ୍ଦ୍ର ଲେଙ୍କା ଓରଫ ବାବୁ। ଗତ ସୋମବାର ସନ୍ଧ୍ୟାରେ ଦାଢ଼ାପାଟଣା ଗ୍ରାମର ନାବାଳିକା ଜଣଙ୍କ ରେଳଧାରଣା ଓଭରବ୍ରିଜ୍ ଦେଇ ଘରକୁ ଫେରୁଥିଲେ। ସେହି ସମୟରେ ବଳରାମ ଓ ବାବୁ ସେଠାରେ ପହଞ୍ଚି ତାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ୪୩୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଖୋଜୁଥିବା ଜାଣି ଉଭୟ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ମଙ୍ଗଳବାର ରାତିରେ ଉଭୟଙ୍କୁ ଗିରଫ କରିଥିଲା।

# ପ୍ରଥମ ପ୍ରାଚୀନ ଅଭିଲେଖ ସତୀଶିଳା ଉଦ୍ଧାର

ଭୁବନେଶ୍ୱର, ୧୩।୧୧
(ସୌମ୍ୟରଞ୍ଜନ ରାଉତ)

ବଲାଙ୍ଗୀର ଜିଲା ଟିଁଟିଲାଗଡ଼ ବ୍ଲକ ଅନ୍ତର୍ଗତ ଡିଆଟନ୍ ଗ୍ରାମରୁ ଅଭିଲେଖ ଜଡ଼ିତ ସତୀଶିଳା ପାଠ ଉଦ୍ଧାର ହୋଇଛି। ଏହା ଓଡ଼ିଶାର ପ୍ରଥମ ବୋଲି ସ୍ମୃତିସ୍ତମ୍ଭ ଗବେଷକ ତଥା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ରାଜକୁମାର ରତେ ଓ ପାରଳାଖେମୁଣ୍ଡିର ଲିପିତତ୍ତ୍ୱ ବିଶାରଦ ବିଷ୍ଣୁମୋହନ ଅଧିକାରୀ ଦାବି କରିଛନ୍ତି। ଅଧ୍ୟାପକ ରତେ ତାଙ୍କର ଦୁଇଜଣ ଛାତ୍ର ବିକାଶ କାଣ୍ଡ ଓ ସରୋଜ ବାଗଙ୍କ ସହ ଡିଆଟନ୍ ଗ୍ରାମର ପ୍ରାଚୀନ ମହାଦେବ ମନ୍ଦିରରୁ ଏକ ଅଭିଲେଖ ଜଡ଼ିତ ସତୀଶିଳା ଉଦ୍ଧାର କରିଥିଲେ।



ଉଦ୍ଧାର ହୋଇଥିବା ସତୀଶିଳା।

ଏହାସହ ଅନ୍ୟ ୬ଟି ସତୀଶିଳା, ଗଣେଶ ଏବଂ କାର୍ତ୍ତିକେୟଙ୍କ ମୂର୍ତ୍ତି ଉଦ୍ଧାର କରିଥିଲେ। ଅଭିଲେଖ ଥିବା ସତୀଶିଳାର ଲିପି ଉପରେ ଗବେଷଣା ନିମନ୍ତେ ସେ ଲିପି ବିଶାରଦ ବିଷ୍ଣୁମୋହନ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହି ଲିପି ନାଗରୀ ଲିପିରେ ଲେଖାଯାଇଥିବା ଅଧିକାରୀ କହିଛନ୍ତି। କେବଳ ଏହି ଶିଳାରେ ୩ଟି ଧାଡ଼ି ପଢ଼ିବାଯୋଗ୍ୟ ଥିଲା। ଏହି ଶିଳାଲେଖ ପ୍ରାୟ ୧୦ମରୁ ୧୧ଶ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି। ସତୀଶିଳାଟି କା ନ୍ୟୁ ଗ୍ଲା ଦେବୀ ନାମ୍ନୀ ମହିଳାଙ୍କ ସତୀ ହେବାର ଘଟଣା ଉପରେ ପ୍ରତିଷ୍ଠା କରାଯାଇଛି। ସତୀଶିଳାର ଉପରଭାଗରେ ଅଭୟ ମୁଦ୍ରା ପ୍ରଦାନର ଏକ ହାତ ଚିହ୍ନ ସହ ସୂର୍ଯ୍ୟ ଏବଂ ଅର୍ଦ୍ଧଚନ୍ଦ୍ର ଖୋଦିତ ହୋଇଛି। ଏହାର ମଧ୍ୟଭାଗରେ ଜଣେ ପୁରୁଷ ଓ ମହିଳା ଏକ ସ୍ତମ୍ଭକୁ ପୂଜା କରୁଥିବା ଦେଖାଯାଉଛି। ସାଧାରଣ ଭାବେ ସତୀଶିଳାରେ ଶିବଲିଙ୍ଗକୁ ପୂଜା କରୁଥିବା ଦେଖିବାକୁ ମିଳିଥାଏ। କିନ୍ତୁ ଡିଆଟନ୍‌ର ଏହି ଶିଳାଲେଖରେ ଖମ୍ବ ଆକୃତିର ବସ୍ତୁ ପୂଜା କରୁଥିବା ଦେଖିବାକୁ ମିଳୁଛି, ଯାହାର ଉପର ଭାଗ ମସ୍ତକସ୍ୱରୂପ ରହିଛି। ଏହି ପରମ୍ପରା ସ୍ତମ୍ଭେଶ୍ୱରୀ କିମ୍ବା ଖମ୍ଭେଶ୍ୱରୀ ଉପାସନା ସହ ସାମଞ୍ଜସ୍ୟ ଥିବା ଜଣାପଡ଼ିଛି। ଏହାସହିତ ଆଦିବାସୀ ପରମ୍ପରା ସ୍ତମ୍ଭପୂଜା ସହ ସତୀପ୍ରଥାର ସମ୍ବନ୍ଧ ଥିବା ଅନୁମାନ କରାଯାଉଥିବା ଅଧ୍ୟାପକ ରତେ କହିଛନ୍ତି।

# ଉତ୍କଳଗୌରବଙ୍କ ଅନ୍ତୁଡ଼ିଶାଳର ବିକାଶ ଅଲୋଡ଼ା

ଭୁବନେଶର, ୧୩।୧୧
(ସୌମ୍ୟରଞ୍ଜନ ରାଉତ)

ଅଲୋଡ଼ା ହୋଇପଡ଼ିଛି ଉତ୍କଳଗୌରବ ମଧୁବାବୁଙ୍କ ଅନ୍ତୁଡ଼ିଶାଳର ବିକାଶ। ନା ହୋଇପାରିଛି ଜମି ଅଧିଗ୍ରହଣ, ଅବା ବିକାଶ ପାଇଁ ପ୍ରଶାସନିକ ତଥା ସରକାରୀ ସ୍ତରରେ ନିଆଯାଉଛି ପଦକ୍ଷେପ। ଏହା ଓଡ଼ିଆ ଅସ୍ମିତାର ଅସମ୍ମାନ ବୋଲି ଅଭିଯୋଗ କରିବା ସହ ପ୍ରଶ୍ନ ଉଠାଇଛି ମଧୁ ସ୍ମୃତି ପରିଷଦ। ବରିଷ୍ଠ ରାଜନେତା ପଞ୍ଚାନନ କାନୁନ୍‌ଗୋ, ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଚରଣ ନାୟକ ଏବଂ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଦିଲୀପ ଦାସଶର୍ମା ବୁଧବାର ଖବରଦାତା ସମ୍ମିଳନୀରେ ଏନେଇ କହିଛନ୍ତି, ମଧୁବାବୁଙ୍କ ଜନ୍ମପୀଠର ବିକାଶ ପାଇଁ ପୂର୍ବ ସରକାରରେ ପ୍ରାୟ ୨୩ କୋଟି ଟଙ୍କା ମଞ୍ଜୁର ହୋଇଛି। ମଧୁକୋଠି, ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ବ୍ୟବସ୍ଥା ଦ୍ୱାରା ମଧୁବାବୁଙ୍କ କୃତି ଦେଖାଇବା ଭଳି ବିଭିନ୍ନ ଯୋଜନା ହୋଇଥିଲା। ମାତ୍ର ସରକାର ବଦଳିଲା ପରେ ଏସବୁ ଠପ୍ ହୋଇପଡ଼ିଛି। ମଧୁବାବୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମସ୍ଥାନର ବିକାଶ ବି ବନ୍ଦ ହୋଇଯାଇଛି। ବର୍ତ୍ତମାନର ସରକାର ଯେଉଁ ଅସ୍ମିତା କଥା କହି କ୍ଷମତାକୁ ଆସିଛନ୍ତି, ପ୍ରଥମେ ସେ

### ପ୍ରଶ୍ନ ଉଠାଇଲା ମଧୁ ସ୍ମୃତି ପରିଷଦ

ଅସ୍ମିତାର ଶ୍ରେଷ୍ଠନାୟକ ମଧୁବାବୁଙ୍କ କଥା ଚିନ୍ତା କରନ୍ତୁ। ଆମ ଓଡ଼ିଆ ଅସ୍ମିତାର ପରିଚୟ ଉତ୍କଳଗୌରବ ମଧୁସୂଦନ ଦାସ। ତେଣୁ ମଧୁବାବୁଙ୍କ ସ୍ମୃତିକୁ ନେଇ କ'ଣସବୁ ସରକାର ପଦକ୍ଷେପ ନେଉଛନ୍ତି, ତା'ର ଉତ୍ତର ଦିଅନ୍ତୁ ବୋଲି କହିଛନ୍ତି ସାମାଜିକ କର୍ମୀ ପଦ୍ମଚରଣ ନାୟକ। ବେଦାନ୍ତ ପାଇଁ ଜମି ଅଧିଗ୍ରହଣ ହୋଇପାରୁଛି, କିନ୍ତୁ ମଧୁବାବୁଙ୍କ ଜନ୍ମସ୍ଥାନ ଲାଗି ଜମି ଅଧିଗ୍ରହଣ ହୋଇପାରୁନାହିଁ। ଅର୍ଥ ଦେବାପରେ ବି ନୂଆ ସରକାରଙ୍କ ପାଞ୍ଚଜଣ ମନ୍ତ୍ରୀ ଜିଲାପାଳଙ୍କ ସହ ଯୋଗାଯୋଗ କରୁଥିଲେ ବି କେହି ତାଙ୍କ କଥା ଶୁଣୁନାହାନ୍ତି। ଜିଲାପାଳ ଅଣଓଡ଼ିଆ ହୋଇଥିବାରୁ ମଧୁବାବୁଙ୍କ ଜନ୍ମପୀଠର ବିକାଶ ହୁଏତ ଚାହୁଁନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ନେତା ପଞ୍ଚାନନ କାନୁନଗୋ। ତେଣୁ ଅନୁରୋଧପୂର୍ବକ ଡିସେମ୍ବର ୩୦ ପୂର୍ବରୁ କାମ ଆରମ୍ଭ କରନ୍ତୁ, ନଚେତ୍ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ଓ ସାମାଜିକ କର୍ମୀଙ୍କୁ ନେଇ ସରକାରଙ୍କୁ ଘେରିବେ ବୋଲି ଚେତାବନୀ ଦେଇଛି ମଧୁ ସ୍ମୃତି ପରିଷଦ।




କଳା ଭୂମି ସଂଗ୍ରହାଳୟ ପରିସରରେ ୨୩ତମ ଅନ୍ତର୍ଜାତୀୟ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି'କୁ ବୁଧବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଅନ୍ତର୍ଜାତୀୟ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି' ଉଦ୍‌ଘାଟିତ

### ସାରା ଦେଶରୁ ଯୋଗଦେଲେ ୧ହଜାର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ

ଭୁବନେଶ୍ୱର, ୧୩।୧୧
(ସୌମ୍ୟରଞ୍ଜନ ରାଉତ)

କଳା ଭୂମି ସଂଗ୍ରହାଳୟ ପରିସରରେ ୨୩ତମ ଅନ୍ତର୍ଜାତୀୟ ଶିଶୁ ଓ ଯୁବ ମହୋତ୍ସବ 'ଅଞ୍ଜଳି' ବୁଧବାରଠାରୁ ଆରମ୍ଭ ହୋଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହଯୋଗରେ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ୪ଦିନିଆ ମହୋତ୍ସବରେ ଓଡ଼ିଶା, ଜମ୍ମୁ କଶ୍ମୀର, ହରିୟଣା, ତ୍ରିପୁରା, ଦିଲ୍ଲୀ ସହିତ ପ୍ରଥମଥର ଲଦାଖ ଓ ସିକିମରୁ ୧ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଚଳିତବର୍ଷ ମହୋତ୍ସବର ଥିମ୍ ରହିଛି 'ହିନ୍ଦୁ ପୁରାଣ'। ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ବିଭାଗର ସଚିବ ଉଷା ପାଢ଼ୀ, ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗର ସଚିବ ବିଷ୍ଣୁପଦ ସେଠୀ ଏବଂ ସ୍ୱାଭିମାନର ମୁଖ୍ୟ ଡ. ଶ୍ରୁତି ମହାପାତ୍ର ଯୋଗଦେଇ



ମହୋତ୍ସବରେ ଯୋଗଦେଇଥିବା ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଛାତ୍ରୀଛାତ୍ର।

ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନଙ୍କୁ ନିଆରା ଢଙ୍ଗରେ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ପ୍ରତିଯୋଗିତା, କର୍ମଶାଳାରେ ଯୋଗଦେଇ ପ୍ରତିଭା ପ୍ରଦର୍ଶନ ଲାଗି ପ୍ରେରଣା ଦିଆଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ଶେଷରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟ ଛୁଇଁଥିଲା।

### ଭାର୍ଗବୀ ନଦୀପଠାରେ ଚଢ଼ାଉ: ୩ ଜୁଆଡ଼ି ଗିରଫ

ବାଲକାଟୀ, ୧୩।୧୧ (ମନୋଜ ମଣ୍ଡଳ)

ବାଲକାଟୀ ଫାଣ୍ଡି ଗଞ୍ଜେଇ ଗୋଦାମ ନିକଟ ଭାର୍ଗବୀ ନଦୀପଠାସ୍ଥିତ ମା' ହାଣ୍ଡିଶାଳ ନାମକ ସ୍ଥାନରେ ପୋଲିସ ଚଢ଼ାଉ କରି ୩ ଜୁଆଡ଼ିଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ପୋଲିସ ଜୁଆ ଖେଳରେ ବ୍ୟବହୃତ ତାସ, ପାଲି ସହ ନଗଦ ୮ ହଜାର ଟଙ୍କା ଓ ଏକ ସ୍କୁଟି ଜବତ କରିଛି। ସେମାନେ ହେଲେ କିଶୋର କୁମାର ସାହୁ, ପ୍ରଦୀପ କୁମାର ସାହୁ ଓ ପ୍ରଭାତ କୁମାର ସାହୁ। ଏନେଇ ପୋଲିସ ୫୪୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣାସ୍ଥଳରୁ ୫ ଜଣ ଜୁଆଡ଼ି ଫେରାର ହୋଇଯାଇଥିବା ଜଣାପଡ଼ିଛି।

ସୂଚନା ମୁତାବକ, ମା' ହାଣ୍ଡିଶାଳରେ ସନ୍ଧ୍ୟାରୁ ଭୋର ପର୍ଯ୍ୟନ୍ତ କିଛି ଦିନ ହେଲା ଜୁଆଖେଳ ଚାଲିଥିବା ଅଭିଯୋଗ ହୋଇଆସୁଥିଲା। ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ଅଧିକାରୀ ରବୀନ୍ଦ୍ର କୁମାର ମେହେରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା। ୮ ଜୁଆଡ଼ି ଜୁଆ ଖେଳୁଥିବାବେଳେ ପୋଲିସ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

### ମହିମା ଅଲେଖ ମଠର ବାର୍ଷିକୋତ୍ସବ

ବାରଙ୍ଗ, ୧୩।୧୧ (ଲିଙ୍ଗରାଜ ରାଉତ)

ଇଞ୍ଜଣା ଗ୍ରାମ ମୁଣ୍ଡରେ ଥିବା ମହିମା ଅଲେଖ ମଠରେ ବାର୍ଷିକୋତ୍ସବ ମଙ୍ଗଳବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଜିଲାରୁ ଅଲେଖ ମହିମା ଧର୍ମର ଭକ୍ତ ଆସି ଅହୋରାତ୍ର ଭଜନ ପରିବେଷଣ କରିଥିଲେ। ଏହାସହ ଜଗତ କଲ୍ୟାଣ ପାଇଁ ଘୃତବତି ପ୍ରଦାନ ଓ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଆସୁଥିବା ଭକ୍ତ ଘିଅ ଓ ଫଳମୂଳ ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ବୁଧବାର ସକାଳେ କୌପୀନଧାରୀ ସନ୍ଥମାନେ ଭଜନ କରି ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଅତିଥି ଭାବେ ଯୋଗଦେଇଥିଲେ। ଇଞ୍ଜଣା ଗ୍ରାମ୍ୟ କମିଟି ସଭାପତି ପ୍ରଦୀପ ଦାସ ଏହାକୁ ପରିଚାଳନା କରିଥିଲେ। ଏହାପରେ ଇଞ୍ଜଣା ଗ୍ରାମର ଦୁଲାଦେଈ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଭାଗବତ ସପ୍ତାହ ଓ ଭୋଇ ସାହିରେ ଚାଲିଥିବା ବାର୍ଷିକମେଳାରେ ବିଧାୟକ ଓ ସ୍ଥାନୀୟ ସରପଞ୍ଚ ହେମନ୍ତ ପରିଡ଼ା ଅତିଥି ଭାବେ ଯୋଗଦେଇଥିଲେ।

# ଆପୋଲୋ ହସ୍ପିଟାଲରେ ବିଶ୍ୱ ମଧୁମେହ ଦିବସ




ଭୁବନେଶ୍ୱର, ୧୩।୧୧
(ଅନୁରାଧା ମହାରଣା)

ଆଚାର୍ଯ୍ୟ ବିହାରସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ସାମାଜିକ, ଶାରୀରିକ ଓ ମାନସିକ ସୁସ୍ଥତା ଉପରେ ମଧୁମେହର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳେ ହସ୍ପିଟାଲ ପକ୍ଷରୁ ଆୟୋଜିତ ୱାକାଥନରୁ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଅପରାହ୍ନରେ ହସ୍ପିଟାଲର ବହିଃବିଭାଗରେ ଆୟୋଜିତ ସଚେତନାମୂଳକ ଆଲୋଚନାଚକ୍ରରେ ବିଶେଷଜ୍ଞମାନେ ଯୋଗଦେଇ ମଧୁମେହର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ରୋଗ ଯେତେଶୀଘ୍ର ଜଣାପଡ଼ିବ ଚିକିତ୍ସା ଅପେକ୍ଷାକୃତ ସହଜ ହେବ ବୋଲି ବିଶେଷଜ୍ଞମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ମେଡିକାଲ ସର୍ଭିସେସ୍ ଡାଇରେକ୍ଟର ଡ. ଆଲୋକ ଶ୍ରୀବାସ୍ତବ, ଏଣ୍ଡୋକ୍ରାଇନୋଲୋଜି ବିଭାଗର ବରିଷ୍ଠ କନ୍‌ସଲଟାଣ୍ଟ ଡ. ଅଭୟ କୁମାର ସାହୁ, ଡ. ବ୍ରିଜ ପୀତାମ୍ବର ପୃଷ୍ଟି, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ. ମେଜର ଶ୍ରୀମନନାରାୟଣ ମିଶ୍ର, ଚିଫ୍ ଡାଏଟିସିଆନ୍ ସୁନୀତା ସାହୁ ଓ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଏନ୍‌ଏସ୍ ସୁଚିତ୍ରା ପ୍ରମୁଖ ସାମିଲ ହୋଇଥିଲେ।

# ଖଣ୍ଡାରେ ଦୋକାନୀଙ୍କୁ ଆକ୍ରମଣ ଉଦ୍ୟମ କଲେ ଜେଲଫେରନ୍ତା

ଭୁବନେଶ୍ୱର, ୧୩।୧୧ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ପୁଣି ଜେଲ ଫେରନ୍ତା ଯୁବକଙ୍କ ଆତଙ୍କରାଜ ଘଟଣା ସାମ୍ନାକୁ ଆସିଛି। ଦୋକାନୀ ବାକି ଟଙ୍କା ମାଗିବାରୁ ଯୁବକ ଏକ ଖଣ୍ଡାରେ ଦୋକାନର ଜିନିଷପତ୍ରକୁ ହାଣି ପକାଇବା ସହ ଦୋକାନୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପ୍ରାଚୀ ବିହାରରେ ଏଭଳି ଘଟଣା ଘଟିଥିବାବେଳେ ଆତଙ୍କ ବେଳର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନେଇ ଦୋକାନୀ ପ୍ରଶାନ୍ତ ବେହେରା ଥାନାର ଦ୍ୱାରସ୍ଥ ହେବା ସହ ଖଣ୍ଡା ଧରି ଆକ୍ରମଣ ଉଦ୍ୟମ କରିଥିବା ପିଣ୍ଟୁ ଓ ତାଙ୍କ ସହଯୋଗୀ କାହ୍ନା ବିରୋଧରେ ମଞ୍ଚେଶ୍ୱର ଥାନାରେ




ସିସି ଟିଭିରେ କଏଦ ହୋଇଥିବା ଆକ୍ରମଣର ଦୃଶ୍ୟ।

ବୁଧବାର ସନ୍ଧ୍ୟାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ଉଭୟଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ପିଣ୍ଟୁ ଓ କାହ୍ନାଙ୍କ ନାମରେ ଥାନାରେ ପୂର୍ବରୁ ମାମଲା ରହିଥିବାବେଳେ ସେମାନେ ନିକଟରେ ଜେଲରୁ ଜାମିନରେ ମୁକୁଳିଛନ୍ତି।

# ଗଣଶିକ୍ଷା ସଚିବଙ୍କୁ ଭେଟିଲା ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର, ୧୩।୧୧
(ଅନୁରାଧା ମହାରଣା)

ରାଜ୍ୟର ପ୍ରାଥମିକ ଶିକ୍ଷକଙ୍କ ସମସ୍ୟା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ସହ ଅଲ୍ ଉତ୍କଳ ପ୍ରାଇମେରି ଟିଚର୍ସ ଫେଡେରେଶନ (ଏୟୁପିଟିଏଫ୍) ପକ୍ଷରୁ ଆଲୋଚନା କରାଯାଇଛି। ପ୍ରାଥମିକ ଶିକ୍ଷକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୭ଟି ଦାବି ଉପରେ ଆଲୋଚନା ହୋଇଥିବା ସଂଘର ମହାସଚିବ ଚାରୁଲତା ମହାପାତ୍ର ସୂଚନା ଦେଇଛନ୍ତି। ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ଓ ଭିତ୍ତିଭୂମିର ଉନ୍ନତି, ପ୍ରାଥମିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ପଦୋନ୍ନତି, କ୍ୟାଡର୍ ରୁଲ୍ ସଂଶୋଧନ ଓ ନୂତନ ପଦବୀ ସୃଷ୍ଟି, ଆର୍‌ଏସିପି/ଏମ୍‌ଏସିପି ଜନିତ ସମସ୍ୟା, ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା, ବିଦ୍ୟାଳୟ ସମୟ ନିର୍ଘଣ୍ଟ, ଚୁକ୍ତିଭିତ୍ତିକ ନିଯୁକ୍ତି ବାତିଲକରି ୪/୬/୮ ବର୍ଷ ମୂଳ ଚାକିରିରେ ଗଣନା, ନୂତନ ପେନ୍‌ସନ୍ ଯୋଜନା ବାତିଲ କରି ପୁରୁଣା ପେନ୍‌ସନ୍ ଯୋଜନା ଲାଗୁ କରିବା ସହ ଅନ୍ୟାନ୍ୟ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନାରେ ବିଭାଗୀୟ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ସଚିବ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ସହ ସଂଗଠନ ପକ୍ଷରୁ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଡିସିପି ଅଫିସ ଘେରିଲେ ଅନ୍‌ଲାଇନ ଅଟୋ ସଂଘ

ଭୁବନେଶ୍ୱର, ୧୩।୧୧
(ସୂର୍ଯ୍ୟକାନ୍ତ ବେହେରା)

ଓଲା ଏବଂ ଉବର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅନ୍‌ଲାଇନ ଅଟୋ ସଂଘ ପକ୍ଷରୁ ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଡିସିପି ଅଫିସ୍ ଘେରାଉ କରିବା ସହ ଧାରଣା ଦିଆଯାଇଥିଲା। ପ୍ରାଇଭେଟ ବାଇକକୁ ଭଡାରେ ଲଗାଇବାକୁ ଅନୁମତି ଦିଆଯିବା ଏବଂ ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନ୍‌ଲାଇନ୍‌ଅଟୋ ଚାଳକ ଓ ମାଲିକମାନେ ଏହାର ପ୍ରତିବାଦ କରିଥିଲେ। ଏଥିଯୋଗୁ ୩୦ ମିନିଟରୁ ଅଧିକ ସମୟ ଟ୍ରାଫିକ ଜାମ୍ ହୋଇଥିଲା। ଡିସିପି ପିନାକ ମିଶ୍ର ପହଞ୍ଚି ପଦକ୍ଷେପ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ହଟିଥିଲେ।



ଅନ୍‌ଲାଇନ୍ ଅଟୋ ଚାଳକ ମାଲିକ ଓ ମାଲିକମାନେ ଡିସିପି ଅଫିସ୍ ଘେରାଉ କରିଛନ୍ତି।

# 'ସରଳ ଅଭ୍ୟାସ ଦୂରକରେ ବଡ଼ ରୋଗ'

ଭୁବନେଶ୍ୱର, ୧୩।୧୧
(ଅନୁରାଧା ମହାରଣା)

ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମ ଗୋଷ୍ଠୀମାନଙ୍କ ସହ ବିଶ୍ୱ ହାତଧୁଆ ଦିବସ ପାଳନ କରିଛି। 'କାହିଁକି ହାତକୁ ପରିଷ୍କାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ?' ବିଷୟବସ୍ତୁକୁ ନେଇ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ୨୮ ଗ୍ରାମର ୩ ହଜାରରୁ ଅଧିକ ବାସିନ୍ଦା ଯୋଡ଼ି ହୋଇଛନ୍ତି। ଏହି ଅଭିଯାନରେ ହାତ ଧୋଇବାର ଠିକ୍ ପ୍ରଣାଳୀ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ୱଚ୍ଛତା ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ସରଳ ହାତଧୁଆ ପ୍ରଣାଳୀ କିପରି ବଡ଼ ବଡ଼ ରୋଗ ବିସ୍ତାରକୁ ରୋକିପାରିବ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ପଦକ୍ଷେପ ସମ୍ପର୍କରେ କମ୍ପାନୀର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଛୋଟ କାର୍ଯ୍ୟର ଶକ୍ତି ଉପରେ ବିଶ୍ୱାସ କରୁ। ବିଶ୍ୱ ହାତଧୁଆ ଦିବସରେ ଏହି ଅଭିଯାନ




### ବେଦାନ୍ତ ପାଳିଲା ବିଶ୍ୱ ହାତଧୁଆ ଦିବସ

ଆମର କାର୍ଯ୍ୟ କରୁଥିବା ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ ଉନ୍ନତି ପାଇଁ ବୃହତ୍ ପ୍ରତିବଦ୍ଧତାର ଏକ ଅଂଶ। ଉତ୍ତମ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହିତ କରି ରୋଗ ବିସ୍ତାରକୁ ରୋକିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସ୍ୱାସ୍ଥ୍ୟ କିଟ୍ ଗ୍ରହଣ କରିଥିବା ଭବାନୀ ବୁଢ଼ା କହିଛନ୍ତି, ମୌଳିକ ସ୍ୱଚ୍ଛତା ଅଭ୍ୟାସ ବହୁତ ସରଳ, ମାତ୍ର ପ୍ରଭାବଶାଳୀ ପରିବର୍ତ୍ତନ ଆଣିପାରେ। ମୋବାଇଲ ହେଲ୍‌ଥ ୟୁନିଟ୍‌ର ଡା. ଜୟନାରାୟଣ ପୂଜାରୀ କହିଛନ୍ତି, ଜନସ୍ୱାସ୍ଥ୍ୟକୁ ବଜାୟ ରଖିବା ସହ ରୋଗ ସଂକ୍ରମଣ ହ୍ରାସ ପାଇଁ ସମ୍ପ୍ରଦାୟକୁ ଉପଯୁକ୍ତ ହାତ ଧୋଇବା କୌଶଳ ତଥା ସାମଗ୍ରିକ ସ୍ୱଚ୍ଛତା ଅଭ୍ୟାସ ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃନ୍ଦାମାଳର ସରପଞ୍ଚ ଲାବାଙ୍ଗ ବ୍ୟାଗ୍ କହିଲେ, ବିଶ୍ୱ ହାତଧୁଆ ଦିବସ ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ହାତ ଧୋଇବାର ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସକୁ ପ୍ରୋତ୍ସାହିତ କରିଥିଲା।

# ଆକର୍ଷଣ ସାଜିବ ସାଉଥ ଇଷ୍ଟ ଏସୀୟ ପାଭିଲିଅନ

କଟକ,୧୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ଶୁକ୍ରବାର କଟକ ବାଲିଯାତ୍ରା। ଚଳିତବର୍ଷ ବାଲିଯାତ୍ରାରେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରସମୂହକୁ ନେଇ ସ୍ୱତନ୍ତ୍ର ପାଭିଲିଅନ ସ୍ଥାପିତ କରାଯିବ। ଏହି ପାଭିଲିଅନ୍‌ର ମୁଖ୍ୟ ପ୍ରବେଶ ପଥରେ ଜିରାଙ୍ଗ ଗେଟ୍ ଓ ପ୍ରସ୍ଥାନ ପଥରେ ଇଣ୍ଡୋନେସିଆର ଗେଟ୍ ସ୍ଥାନ ପାଇବ। ପାଭିଲିୟନ ମଧ୍ୟରେ ଥିବା ୧୫ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ପ୍ରାଚୀନ କଟକର ଅବସ୍ଥିତି, କଟକରେ ବାଲିଯାତ୍ରାର ଇତିହାସ, ଯୋଦ୍ଧା ନୌବାଣିଜ୍ୟ ସଂଗ୍ରହାଳୟ, ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡିକ ସହ ନୌବାଣିଜ୍ୟ କାରବାରର ଡିଜିଟାଲ ମାନଚିତ୍ର, ସାମୁଦ୍ରିକ ପଥ, ନୌବାଣିଜ୍ୟ ଯାତ୍ରା, ରପ୍ତାନୀ ଓ ଆମଦାନୀ ହେଉଥିବା ସାମଗ୍ରୀ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ନୃତ୍ୟ, ମୁଖା, ପ୍ରାଚୀନ ମୁଦ୍ରା, ମନ୍ଦିର, ଟେରାକୋଟା ସାମଗ୍ରୀ, ବସ୍ତ୍ର ଆଦି ପ୍ରଦର୍ଶନ କରାଯିବ। ଏଥିସହ ବୋଇତ ପ୍ରସ୍ତୁତି ସହିତ ସାଧବାଣୀ, ସାଧବମାନେ ଉପସ୍ଥିତ ରହିବେ। କଳାକାରଙ୍କ ଦ୍ୱାରା ପୁରୀର ମୁଖା ନୃତ୍ୟ ପରିବେଷଣ କରାଯିବ। ପ୍ରସ୍ଥାନ ପଥରେ ପୁରୀ ରଥଯାତ୍ରା ସମୟର ରଥ ଚକ ଓ ଦଉଡିକୁ ମଧ୍ୟ ସ୍ଥାପିତ କରାଯାଇଛି। ପାଭିଲିଅନ୍ ପରିସରରେ ନୌବାଣିଜ୍ୟ ପରମ୍ପରା ଓ ବାଲିଯାତ୍ରାକୁ ନେଇ ଡିଜିଟାଲ ବୋର୍ଡରେ କୁଇଜ୍ ପ୍ରତିଯୋଗିତା କରାଯିବ।



କଟକ ଇନ୍ କଟକ ପରିସରରେ ଓଡ଼ିଆ ଚଳଚ୍ଚିତ୍ର ଫଟୋକୁ ନେଇ ପ୍ରସ୍ତୁତ ସେଲ୍ଫି ପଏଣ୍ଟ।

## କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ଚଳିତବର୍ଷ ବାଲିଯାତ୍ରାରେ ପ୍ରଥମଥର ପାଇଁ ୧୩ଟି ରାଷ୍ଟ୍ରର ରାଷ୍ଟ୍ରଦୂତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅତିଥିଙ୍କୁ ବାଲିଯାତ୍ରା ପଡିଆକୁ ପାଛୋଟି ନେବା ନିମନ୍ତେ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବୁଧବାର ଏହାର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ସିଲ୍‌ଭର୍‌ସିଟି ବୋଟ୍ କ୍ଲବ୍‌ଠାରୁ ଗଡ଼ଗଡ଼ିଆ ଘାଟ ପର୍ଯ୍ୟନ୍ତ ବୋଟ୍ ଟ୍ରାଏଲ୍ କରାଯାଇଛି। ଅତିଥିମାନେ ସିଲ୍‌ଭର୍‌ସିଟି ବୋଟ୍ କ୍ଲବ୍‌ଠାରେ ପହଞ୍ଚିବେ। ପରେ ସେମାନଙ୍କୁ ସେଠାରୁ ବୋଇତ ସଦୃଶ ସୁସଜ୍ଜିତ ଡଙ୍ଗାରେ ଗଡଗଡିଆ ଘାଟ ପର୍ଯ୍ୟନ୍ତ ନିଆଯିବ। ସେଠାରେ ସେମାନେ ଦକ୍ଷିଣ-ପୂର୍ବ ରାଷ୍ଟ୍ରସମୂହ ସହ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ନେଇ ସ୍ୱତନ୍ତ୍ର ପାଭିଲିୟନ୍ ପରିଦର୍ଶନ କରିବେ। ପରେ କଟକ ଇନ୍ କଟକ, ଓର୍‌ମାସ ଯାଇ ବିଭିନ୍ନ ପ୍ରଦର୍ଶନୀ ବୁଲି ଦେଖିବା ପରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ରାଷ୍ଟ୍ରଦୂତଙ୍କ ଗମନାଗମନ ଓ ପରିଦର୍ଶନକୁ ସୁବ୍ୟବସ୍ଥିତ କରିବା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିଥିଙ୍କୁ ବାଲିଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନେ ଅବଗତ କରାଇବେ।

କଟକ ବାଲିଯାତ୍ରା

## ଲେଜର ଶୋ'ରେ ଦେଖିବାକୁ ମିଳିବ ବାଲିଯାତ୍ରା, କଟକର ଐତିହ୍ୟ

ବାଲିଯାତ୍ରା ସମୟରେ ମହାନଦୀ ଜଳରାଶିରେ ଦର୍ଶକ ଲେଜର ଶୋ' ଦେଖିବାକୁ ପାଇବେ। ଏହି ଲେଜର ଶୋ' କାମ ପାଇଁ ଦିଲ୍ଲୀ ମଡ଼ର୍ନ ଷ୍ଟେଜ୍ ସର୍ଭିସର ୨୦ରୁ ଅଧିକ କାରିଗର ନିୟୋଜିତ ହୋଇଛନ୍ତି। ଏଥିରେ ପ୍ରଥମେ ୩୦ ମିନିଟ୍ ଧରି ଦେଶାତ୍ମବୋଧକ ସଙ୍ଗୀତର ଝଲକ୍ ଦେଖିବାକୁ ମିଳିବ। ପରେ ପ୍ରତି ୧୫ ମିନିଟ୍ ବ୍ୟବଧାନରେ କଟକର ଐତିହ୍ୟ, ସଂସ୍କୃତି, ବୀରତ୍ୱଗାଥା ଓ ବାଲିଯାତ୍ରାର ଇତିହାସ ସୋ' ମାଧ୍ୟମରେ ପ୍ରଦର୍ଶନ କରାଯିବ।

## ଥିଏଟରରେ ପ୍ରଦର୍ଶନ ହେବ ୮ ଚଳଚ୍ଚିତ୍ର

ବାଲିଯାତ୍ରା ପଡିଆର କଟକ ଇନ୍ କଟକ ପରିସରରେ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଏ ସମ୍ପର୍କିତ ସ୍ୱତନ୍ତ୍ର ପାଭିଲିଅନ୍‌ରେ ଏକ ମିନି ଥିଏଟର ସ୍ଥାନ ପାଇଛି। ଏହି ଥିଏଟରରେ ବିଭିନ୍ନ ଦିବସରେ ୮ଟି ଚଳଚ୍ଚିତ୍ର ଯଥା- କାବେରୀ, ଆରତୀ, ତୁଣ୍ଡ ବାଇଦ, ଗାରେ ସିନ୍ଦୂର ଧାରେ ଲୁହ, କନ୍ୟାଦାନ, ମଲାଜହ୍ନ, ସଂସାର ଏବଂ ଖଇରୀ (ବୃତ୍ତଚିତ୍ର) ପ୍ରଦର୍ଶନ କରାଯିବ। ପ୍ରତିଦିନ ଦୁଇଟି ଲେଖାଏଁ ଶୋ'ରେ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ।

## ଗୋପାଳ ଘୋଷଙ୍କ ଫଟୋରେ ବାବୁଲାଲ ଦୋଶୀଙ୍କ ନାଁ

କଟକ ଇନ୍ କଟକ ପରିସରରେ ପ୍ରଦର୍ଶନୀ ପାଇଁ ଦିବଂଗତ କଳାକାର, ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ଫଟୋଚିତ୍ର ସ୍ଥାନ ପାଇଛି। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପ୍ରଦର୍ଶନୀରେ ସ୍ଥାନ ପାଇଥିବା ନିର୍ଦ୍ଦେଶକ, ପ୍ରଯୋଜକ ତଥା ଅଭିନେତା ଗୋପାଳ ଘୋଷଙ୍କ ଫଟୋ ତଳେ ବାବୁଲାଲ ଦୋଶୀଙ୍କ ନାମ ଲେଖାଯାଇଛି। ସେହିପରି କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଶୀଙ୍କ ଫଟୋରେ ମଧ୍ୟ ତାଙ୍କ ନାମ ରହିଛି। ପ୍ରଶାସନ ପକ୍ଷରୁ ବାଲିଯାତ୍ରାର ସମସ୍ତ କାର୍ଯ୍ୟ ତଦାରଖ କରାଯାଉଥିବାବେଳେ ଏଥିପ୍ରତି କାହାର ଦୃଷ୍ଟି ନ ଥିବା ସ୍ପଷ୍ଟ ବାରି ହୋଇଛି।




## ବଡ଼ସିଂହାର ବେଶରେ ଦର୍ଶନଦେଲେ ଧବଳେଶ୍ୱର



ଖୁଣ୍ଟୁଣୀ,୧୩।୧୧(ସଚ୍ଚିଦାନନ୍ଦ ପଣ୍ଡା)

ପଞ୍ଚକ ଓ ବଡ଼ଓଷା ଉପଲକ୍ଷେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଥିଲା। ଭୋର ୪ଟାରୁ ନିତିପାଳିଆ ସେବକ ରାମଚନ୍ଦ୍ର ପତ୍ରୀ ଓ ପୂଜକମାନେ ମନ୍ଦିର ଦ୍ୱାର ଖୋଲି ଠାକୁରଙ୍କ ସ୍ନାନ, ମଙ୍ଗଳଆଳତି, ଜଳାଭିଷେକ କରି ବିଭିନ୍ନ ପୁଷ୍ପରେ ବଡ଼ସିଂହାର ବେଶରେ ସଜ୍ଜିତ କରିଥିଲେ। ପରେ ଖେଚୁଡ଼ି ଓ ବାଲଭୋଗ କରାଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ଏହି ବେଶ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ପୀଠ ନିକଟ ଟ୍ୟୁରିଜମ୍ ହଲ୍‌ଠାରେ ଧବଳେଶ୍ୱର ସେବା ସଂସ୍ଥା ଓ ପ୍ରଶାସନ ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିବା ସଭାପତି କିରଣ ବିହାରୀ ଖଟୁଆ କହିଛନ୍ତି। ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ୍ ସିଂ, ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ, ଜିଲା ମୁଖ୍ୟାଳୟ ଡିଏସ୍‌ପି କୃଷ୍ଣମୋହନ ପଟ୍ଟନାୟକ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଗୁରୁଡିଝାଟିଆ ଥାନା ଅଧିକାରୀ ପରେଶ ମହାନ୍ତି, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ, ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ରାତିରେ ଠାକୁରଙ୍କ ନିକଟରେ ଲାଗି ପାଇଁ ନିତିପାଳିଆ ସେବକମାନେ ଗଜଭୋଗ ପ୍ରସ୍ତୁତ କରିଥିଲେ। ପରେ ଏହି ଭୋଗକୁ ଠାକୁରଙ୍କ ନିକଟରେ ଲାଗି କରାଯାଇ ଗୁରୁବାର ସକାଳେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।



କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ସାଧବ ବୋହୂ ଓ ସାଧବ ପୁଅରେ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ର।

## କାର୍ଯ୍ୟରେ ଯୋଗ ଦେଲେ ନୂଆ ବିଡିଓ

କଟକ ସଦର,୧୩।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବିଡିଓ ଭାବେ ପ୍ରତୀକ କୁମାର ସାହୁ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପରେ କର୍ମଚାରୀମାନଙ୍କ ସହ ଅନୌପଚାରିକ ବୈଠକ କରିଥିଲେ। ପ୍ରତୀକ ପୂର୍ବରୁ ଫୁଲବାଣୀ ବିଡିଓ ଭାବେ କାର୍ଯ୍ୟ କରୁଥିଲେ।

## ସ୍ୱାସ୍ଥ୍ୟସେବା ଶିବିର

ଚୌଦ୍ୱାର,୧୩।୧୧(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ଦୌଲତାବାଦସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ମମତା ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ଡାକ୍ତରୀ ଟିମ୍ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ଦନ୍ତ ଓ ଚକ୍ଷୁ ପରୀକ୍ଷା କରିଥିଲେ। ପୁରାତନ ଛାତ୍ର ଡ. ରମେଶ ଚନ୍ଦ୍ର ପଟ୍ଟନାୟକ, ଅଶୋକ ଚନ୍ଦ୍ର ବେହେରା, ଆକୁଳାନନ୍ଦ ସ୍ୱାଇଁ, ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶିବିରରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

## ଖାଦ୍ୟ ନିୟନ୍ତ୍ରଣ, ଯୋଗ କଲେ ମଧୁମେହରୁ ମୁକ୍ତି



ପଦଯାତ୍ରାରେ ସାମିଲ ହୋଇଥିବା ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

କଟକ,୧୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ବିଶ୍ୱ ମଧୁମେହ ଦିବସ ଉପଲକ୍ଷେ ଡାଇବେଟିସ ଆଣ୍ଡ ୱେଲ୍‌ବିଂ ପକ୍ଷରୁ ବୁଧବାର ପଦଯାତ୍ରା ଓ ବିଭିନ୍ନ କାର୍ଯ୍ୟକ୍ରମ ଖ୍ରୀଷ୍ଟିଆନ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଡା. ଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ମନୋରଞ୍ଜନ ମହାନ୍ତି, ସିଏମ୍‌ସି ମେୟର ସୁବାସ ସିଂ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଅଭିନେତା କୁନା ତ୍ରିପାଠୀ, ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ ଯୋଗଦେଇଥିଲେ। ମଧୁମେହ ରୋଗରୁ ମୁକ୍ତି ପାଇବା ପାଇଁ ମଣିଷର ଜୀବନଶୈଳୀରେ ପରିବର୍ତ୍ତନ ସହ ଖାଦ୍ୟ ନିୟନ୍ତ୍ରଣ, ଦୈନନ୍ଦିନ ବ୍ୟାୟାମ ଓ ଯୋଗର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଖ୍ରୀଷ୍ଟିଆନ ପଡିଆରୁ ପଦଯାତ୍ରା ବାହାରି ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ପଦଯାତ୍ରାରେ ମଧୁମେହ ରୋଗର ନିରାକରଣ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରାଯାଇଥିଲା। ଏଥିସହ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାରତ ମସଲାର ପ୍ରତିଷ୍ଠାତା ସୁଶାନ୍ତ ପଣ୍ଡା, ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ସଙ୍ଗଠନର ସଦସ୍ୟ, ଡାକ୍ତର ଏବଂ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଶୋଭାଯାତ୍ରାରେ ସଚେତନତା ବାର୍ତ୍ତା

## ଅସ୍ତ୍ରୋପଚାର ମାଧ୍ୟମରେ ବୃଦ୍ଧାଙ୍କ ଆଖିପତା ଉପରୁ ମାଂସପିଣ୍ଡୁଳା କଢ଼ାଗଲା

କଟକ,୧୩।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକର ଏକ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇ ଜଣେ ବୃଦ୍ଧାଙ୍କ ଆଖିପତା ଉପରୁ ମାଂସପିଣ୍ଡୁଳା କଢ଼ାଯାଇଛି। ସେ ହେଲେ ବାରିପଦା ଅଞ୍ଚଳର ସତ୍ୟଭାମା ସେଠୀ(୭୦)। ପ୍ରାୟ ୧ ବର୍ଷ ତଳେ ସତ୍ୟଭାମାଙ୍କ ବାମପାର୍ଶ୍ୱ ଆଖି ଉପରେ ମାଂସ ଫୁଲିଯାଇଥିଲା। ପରେ ଏହା ବଢ଼ି ମସ୍ତିଷ୍କ ଆଡକୁ ମାଡିବାରେ ଲାଗିଥିଲା। ତାଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶୁକ୍ରବାର ଅସ୍ତ୍ରୋପଚାର ମାଧ୍ୟମରେ ମାଂସପିଣ୍ଡୁଳା କଢ଼ାଯାଇଥିଲା। ଇଏନ୍‌ଟି ଡା. ସୁକୁମାର ଦାସ, ନ୍ୟୁରୋସର୍ଜନ ଡା. ସିତାଂଶୁ ରାଉତଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇଥିଲା। ଏନେଇ ଡା. ଦାସ କହିଛନ୍ତି, ମାଂସପିଣ୍ଡୁଳା ବଢିଯାଇ ସତ୍ୟଭାମାଙ୍କ ଆଖି ଓ ମସ୍ତିଷ୍କକୁ ପ୍ରଭାବିତ କରିଥିଲା। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ହୋଇ ବୁଧବାର ଘରକୁ ଫେରିଛନ୍ତି।

## ସିଏମ୍‌ସି କାଉନ୍‌ସିଲ ବୈଠକରେ ହଟ୍ଟଗୋଳ

କଟକ,୧୩।୧୧(କାର୍ତ୍ତିକ ସାହୁ)

ଗତ କାଉନ୍‌ସିଲ୍ ବୈଠକରେ କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀମାନେ ନ ଆସିବାରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ୩ ବର୍ଷରୁ ଅଧିକ ସମୟ ରହିଥିବା ଅଧିକାରୀଙ୍କୁ ବଦଳି କରାଯିବା ନିମନ୍ତେ ରିଜୋଲ୍ୟୁସନ କରାଯାଇଥିଲା। ମାତ୍ର ବୁଧବାର ପୂର୍ବ ବୈଠକର ବିବରଣୀ ପାଠ କରାଯିବାବେଳେ ଅନିବାର୍ଯ୍ୟ କାରଣବଶତଃ ସିଏମ୍‌ସି କାଉନ୍‌ସିଲ୍ ବୈଠକ ବନ୍ଦ ରହିଥିଲା ବୋଲି ଦର୍ଶାଯାଇଥିଲା। ଏହାକୁ ନେଇ କର୍ପୋରେଟରମାନେ କ୍ଷୁବ୍ଧ ହେବା ସହ କେତେଜଣ କର୍ପୋରେଟର ପ୍ରତିବାଦରେ କକ୍ଷ ତ୍ୟାଗ କରିଥିଲେ। ପରେ ସେମାନେ ପୁଣି ଗୃହକୁ ଫେରିଥିଲେ। ତୁରନ୍ତ ଏହାକୁ ପରିବର୍ତ୍ତନ କରିବା ନିମନ୍ତେ କର୍ପୋରେଟରମାନେ ଜିଦ୍ ଧରିଥିଲେ। ଫଳରେ ସେମାନଙ୍କ ଜିଦ୍ ରହିଲା ଏବଂ ରିଜୋଲ୍ୟୁସନ ବଦଳା ଗଲା।

ସିଏମ୍‌ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଥିଲା। ଦୀର୍ଘଦିନ ଧରି ହୋଲ୍ଡିଂ ଟ୍ୟାକ୍ସ ବାକିଥିବା ଦୋକାନୀଙ୍କଠାରୁ ଆଦାୟ ପାଇଁ ସ୍ଥିର ହୋଇଥିଲା। ଏଥିସହ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଅଧିକ ସୁଦୃଢ଼ କରିବାକୁ ନିଷ୍ପତ୍ତି ହୋଇଥିଲା। କର୍ପୋରେଟର ଶୁଭାଶିଷ ପଟ୍ଟନାୟକ ସହରରେ ଚାଲିଥିବା ୨୦୦ କୋଟି ଟଙ୍କାର ପ୍ରକଳ୍ପ ନିମନ୍ତେ କିଏ ଉତ୍ତରଦାୟୀ ବୋଲି ପ୍ରଶ୍ନ କରିଥିଲେ। ଏହାକୁ କେନ୍ଦ୍ରକରି ସିଟି ଇଞ୍ଜିନିୟରଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ଏହାବାଦ୍ ଆହୁରି ଅନେକ ଆଲୋଚନା ହୋଇଥିଲା। ୩ ବର୍ଷରୁ ଅଧିକ ସମୟ ରହିଥିବା ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା ନିମନ୍ତେ ଦାବି ହୋଇଥିଲା। ଏହି ବୈଠକରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, କମିଶନର ଅନାମ ଚରଣ ପାତ୍ରଙ୍କ ସମେତ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।


ସିଏମ୍‌ସି କାଉନ୍‌ସିଲ ବୈଠକରେ ଭାଜପା ଓ କଂଗ୍ରେସ କର୍ପୋରେଟର ହଟଗୋଳ କରୁଛନ୍ତି।

### କକ୍ଷ ତ୍ୟାଗ କଲେ କର୍ପୋରେଟର

## ବାଲିଯାତ୍ରା ପାଇଁ ଟ୍ରାଫିକ୍ କଟକଣା

କଟକ,୧୩।୧୧(କାର୍ତ୍ତିକ ସାହୁ)

କଟକ ସହରରେ ଆସନ୍ତା ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଉତ୍ସବ ଅନୁଷ୍ଠିତ ହେବ। କମିଶନ୍‌ରେଟ୍ ପୋଲିସ ପକ୍ଷରୁ ସହରର ବିଭିନ୍ନ ରାସ୍ତାରେ ସୁନିୟନ୍ତ୍ରିତ ଗାଡ଼ି ଚଳାଚଳ, ଜନସାଧାରଣ ଓ ପଥଚାରୀଙ୍କ ସୁବିଧା ପାଇଁ ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। ବାଲିଯାତ୍ରା ଦିନଗୁଡ଼ିକରେ ଅପରାହ୍ଣ ୨ଟାରୁ ଭିଡ଼ କମିବା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ ବୋଲି ପୋଲିସ କମିଶନରଙ୍କ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ଭୁବନେଶ୍ୱରରୁ ନନ୍ଦନକାନନ, ବାରଙ୍ଗ, ତ୍ରିଶୂଳିଆ ଏବଂ କାଠଯୋଡି ରିଂ ରୋଡ୍ ଦେଇ ଖାନ୍‌ନଗର ପଟୁ ଆସୁଥିବା ୩ ଓ ୪ ଚକିଆ ଗାଡ଼ି ବେଲଭ୍ୟୁ (ଜୁଡିସିଆଲ ଏକାଡେମୀ) ସତୀଚୌରା ଛକ, ସେଲ୍‌ଟର୍ ଛକ ଓ କନିକା ଛକ ଦେଇ ବାଲିଯାତ୍ରା ପଡ଼ିଆ ଆଡକୁ ଯାଇପାରିବ ନାହିଁ। ସେଗୁଡ଼ିକ ବେଲ୍‌ଭ୍ୟୁ ଛକରୁ ସିଡିଏ ସେକ୍ଟର-୧୧ ଛକ ଦେଇ ବିଜୁ ପଟ୍ଟନାୟକ ପାର୍କ, ଭୁଆସୁଣୀ ପଡ଼ିଆ କିମ୍ବା କୃଷକ ବଜାର ପଡ଼ିଆରେ ପାର୍କିଂ କରିବ। ସେଠାରୁ ଜନସାଧାରଣ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଆସିପାରିବେ। ଆଠଗଡ଼, ବାଙ୍କୀ ପଟୁ ଆସୁଥିବା ୩ ଓ ୪ ଚକିଆ ଗାଡ଼ି ନରାଜ ସେତୁ ଓ ମଧୁସୂଦନ ସେତୁ ଦେଇ ବିଜୁ ପଟ୍ଟନାୟକ ପାର୍କ କିମ୍ବା ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବ। ସେଠାରୁ ଜନସାଧାରଣ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଆସିପାରିବେ। ସତୀଚୌରା ଛକରୁ ୨ ଚକିଆ ଗାଡ଼ିଗୁଡ଼ିକ ସେଲ୍‌ଟର୍ ଓ କନିକା ଛକ ଦେଇ ଦୟାଶ୍ରମ ସାମ୍ନା ପଡ଼ିଆ କିମ୍ବା କାର୍ତ୍ତିକେଶ୍ୱର ଗଡ଼ାର ବାମପଟେ ଥିବା ପାର୍କିଂ ପଡ଼ିଆରେ ପାର୍କିଂ କରିବେ। ଚହଟା ଛକରୁ ୩ ଓ ୪ ଚକିଆ ଗାଡ଼ି ସିଧାସଳଖ ହରିଣ ପାର୍କ ଦେଇ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡିକ ଭୁଆସୁଣୀ ପଡ଼ିଆରେ ପାର୍କିଂ କରିବ। ପରେ ଲୋକମାନେ ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଗାଡ଼ିରେ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ଆସିପାରିବେ। ଭୁଆସୁଣୀ ପଡ଼ିଆ ଓ ଚହଟା ଛକରୁ କେବଳ ୨ ଚକିଆ ଗାଡ଼ି କ୍ୟାଣ୍ଟନମେଣ୍ଟ ଥାନା ପାଖ ବାଲିଯାତ୍ରା ପଡ଼ିଆରେ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା କାର୍ତ୍ତିକେଶ୍ୱର ଗଡ଼ା ପାଖ ପାର୍କିଂରେ ରହିବ। ହରିଣ ପାର୍କ ଛକରୁ ୩ ଓ ୪ ଚକିଆ ଗାଡ଼ି ସିଧାସଳଖ ବାଲିଯାତ୍ରା ପଡ଼ିଆ ଆଡ଼କୁ ଯାଇପାରିବ ନାହିଁ। ସେଗୁଡିକ ଏହି ଛକରୁ ଡାହାଣକୁ ଯାଇ ଖ୍ରୀଷ୍ଟିଆନ ପଡ଼ିଆ କିମ୍ବା ଗୋରାକବର ପଡ଼ିଆରେ ପାର୍କିଂ କରିବ।

ସେହିପରି ମଧୁକୁଞ୍ଜ ପାର୍କ ପାଖରୁ କୌଣସି ଗାଡ଼ି ମଧୁସୂଦନ ପାଠାଗାର ଦେଇ ସିଧା ବାଲିଯାତ୍ରା ପଡ଼ିଆ ଆଡ଼କୁ ଆସିପାରିବ ନାହିଁ। ବିଜୁ ପଟ୍ଟନାୟକ ଛକଠାରୁ ୩ ଓ ୪ ଚକିଆ ଗାଡ଼ି ଦୟାଶ୍ରମ ରାସ୍ତାରେ ସିଧା ବାଲିଯାତ୍ରା ପଡ଼ିଆ ଆଡକୁ ଯାଇ ପାରିବ ନାହିଁ। ସେଗୁଡ଼ିକ ଆନନ୍ଦ ଭବନ ଛକରେ ଥିବା ଖ୍ରୀଷ୍ଟିଆନ ପଡ଼ିଆ କିମ୍ବା ଗୋରାକବର ପଡ଼ିଆରେ ପାର୍କିଂ କରିବ। କେବଳ ୨ ଚକିଆ ଗାଡ଼ି ବିଜୁ ପଟ୍ଟନାୟକ ଛକଠାରୁ ଦୟାଶ୍ରମ ରାସ୍ତାରେ ଯାଇ ବାମପଟେ ଥିବା ପଡ଼ିଆରେ ପାର୍କିଂ କରିବ। କନିକା ଛକଠାରୁ ୩ ଓ ୪ ଚକିଆ ଗାଡ଼ି ସିଧାସଳଖ ଚଣ୍ଡୀ ଛକ ଦେଇ ବାଲିଯାତ୍ରା ଆଡ଼କୁ ଯାଇପାରିବ ନାହିଁ। ସେଗୁଡ଼ିକ ବିଜୁ ପଟ୍ଟନାୟକ ଛକ ଦେଇ ଆନନ୍ଦ ଭବନ ପାଖରେ ଥିବା ଖ୍ରୀଷ୍ଟିଆନ ଓଡ଼ିଆ କିମ୍ବା ଗୋରାକବର ପଡ଼ିଆରେ ପାର୍କିଂ କରିବ। ସେହିପରି ସମାଜ ଅଫିସ ଛକ ଠାରୁ କୌଣସି ତିନିଚକିଆ ଓ ଚାରି ଚକିଆ ଗାଡ଼ି ନାରୀ ସେବାସଦନ ଛକ ଦେଇ ସିଧା ବାଲିଯାତ୍ରା ପଡ଼ିଆ ଆଡକୁ ଯାଇପାରିବ ନାହିଁ। ସେଗୁଡ଼ିକ ମିଶନ ରୋଡ଼ରେ ଯାଇ ଚଣ୍ଡୀ ଛକ, କନିକା ଛକ ଓ ବିଜୁ ପଟ୍ଟନାୟକ ସ୍ଥାନ ଦେଇ ଆନନ୍ଦ ଭବନ ପାଖରେ ଥିବା ଖ୍ରୀଷ୍ଟଆନ ପଡ଼ିଆ କିମ୍ବା ଗୋରାକବର ପଡ଼ିଆରେ ପାର୍କିଂ କରିବ। ଏହାବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳ ପାଇଁ ମଧ୍ୟ ଟ୍ରାଫିକ୍ କଟକଣା ରହିଥିବା କମିଶନ୍‌ରେଟ୍ ପୋଲିସର ସୂଚନା ରହିଛି।

### ଅପରାହ୍ଣ ୨ଟାରୁ ଭିଡ଼ ଭାଙ୍ଗିବା ଯାଏ ବଳବତ୍ତର

## ସଂକ୍ଷେପରେ

### ଖୋର୍ଦ୍ଧା ବଜାରରେ ଡଙ୍ଗା ପସରା

ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)

ଦିନକ ପରେ କାର୍ତ୍ତିକ ପୂର୍ଣ୍ଣମୀ ଓ ବୋଇତ ବନ୍ଦାଣ ଉତ୍ସବ। ଏହି ଦିନ ଲୋକେ ନଦୀ, ପୋଖରୀରେ ଡଙ୍ଗା ଭସାଇବେ। ତେଣୁ ଖୋର୍ଦ୍ଧା ବଜାରରେ ବିଭିନ୍ନ ପ୍ରକାର ରଙ୍ଗିନ ଡଙ୍ଗା ବିକ୍ରି ଆରମ୍ଭ ହୋଇଛି। ଖୋର୍ଦ୍ଧା ସମବାୟ ଛକରେ ମହେଶ୍ୱର ବେହେରା ରଙ୍ଗିନ ହାତତିଆରି ଡଙ୍ଗାର ପସରା ମେଲାଇଛନ୍ତି। କାର୍ଟୁନ, କାର୍ଡବୋର୍ଡ, ସୋଲ ଓ ରଙ୍ଗିନ ଜରିମାଳରେ ସେ ବହୁ ସୁନ୍ଦର ଡଙ୍ଗା ପ୍ରସ୍ତୁତ କରି ବିକ୍ରି ପାଇଁ ସଜାଇ ରଖିଛନ୍ତି। ୫ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଡଙ୍ଗାର ଦାମ୍ ରହିଛି। ସେ ଭଲ ରୋଜଗାର ଆଶା ରଖିଛନ୍ତି। ସେହିପରି ନୂଆବସଷ୍ଟାଣ୍ଡରେ ବସୁଥିବା ଜନୈକ ଫୁଟପାଥ ବେପାରୀ କୁହନ୍ତି, ଚଳିତ ବର୍ଷ ଗ୍ରାହକଙ୍କ ଚାହିଦା ଅନୁଯାୟୀ ଡଙ୍ଗା ପ୍ରସ୍ତୁତ କରାଯାଇଛି। ସୋଲରେ ଏକ ଫୁଟରୁ ୩ଫୁଟ ପର୍ଯ୍ୟନ୍ତ ରଙ୍ଗିନ କାଗଜ, ଝୁମ୍‌କି ପ୍ରଭୃତି ସଜାଇ ପ୍ରସ୍ତୁତି କରାଯାଇଛି। ଅନ୍ୟ ଜଣେ ବେପାରୀ କୁହନ୍ତି ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ୫ଟଙ୍କାରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ଡଙ୍ଗା ଦାମ୍ ରହିଛି। ବାହାର ବେପାରୀ ଆସି ଡଙ୍ଗା କିଣି ନିଅନ୍ତି। ଡଙ୍ଗା ପ୍ରସ୍ତୁତ ପାଇଁ ୬ମାସ ପୂର୍ବରୁ ପରିଶ୍ରମ କରିବାକୁ ପଡେ। ସୋଲ, କାଗଜ, କାଠି, ଅନ୍ୟାନ୍ୟ ସାମଗ୍ରୀ ଭୁବନେଶ୍ୱର, କଟକ ପ୍ରଭୃତି ସ୍ଥାନରୁ ସଂଗ୍ରହ କରାଯାଇଥାଏ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ଜଟଣୀ, ୧୩।୧୧ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥ ସରସ୍ୱତୀ ଶିଶୁ ମନ୍ଦିରର ୨ ଦିନିଆ ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଜଟଣୀ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ଯୋଗଦେଇ ପାଠପଢା ସହିତ ଶିଶୁଙ୍କ ଶାରୀରିକ କ୍ରୀଡ଼ା ପ୍ରଦର୍ଶନ ଉଚ୍ଚକୋଟୀର ବୋଲି କହିଥିଲେ। କ୍ରୀଡ଼ାରେ ଶିଶୁବାଟିକା ବିଭାଗର ୧୫୩ ଜଣ, କନିଷ୍ଠ ବର୍ଗର ୧୦୯ ଜଣ, ଶିଶୁ ବର୍ଗର ୨୭୪ ଜଣ, ବାଲ ବର୍ଗର ୧୯୦ ଜଣ, କିଶୋର ବର୍ଗର ୧୦୨ ଜଣ ସମୁଦାୟ ୮୨୮ ଜଣ ଛାତ୍ରୀଛାତ୍ର କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ୩୫୮ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ଦିଲୀପ କୁମାର ଲେଙ୍କା କ୍ରୀଡ଼ା ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ସଭାପତି ପ୍ରସନ୍ନ ରଥ, ଉପସଭାପତି ସରୋଜ ବଳିୟାରସିଂ ଅଭିଭାଷଣ ରଖିଥିଲେ। ଆଚାର୍ଯ୍ୟ ସୁଧୀର ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ର ନୃତ୍ୟ, ସୂର୍ଯ୍ୟ ନମସ୍କାର, ଆସନ, ଆଦିବାସୀ ନୃତ୍ୟ, ଦଣ୍ଡ, ବ୍ୟାୟାମ, ଯୋଗ, ପିରାମିଡ଼ ଆଦି ପ୍ରଦର୍ଶନ କରିଥିଲେ।

### ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକୋତ୍ସବ

ବେଗୁନିଆ, ୧୩।୧୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ବଡ଼ବେରଣା ପଞ୍ଚାୟତ କୋଲୁହାପାଟଣା ଗ୍ରାମସ୍ଥିତ ମା' ତାରିଣୀ ମନ୍ଦିରର ପଞ୍ଚମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଦମ୍ପତି ଗଗନ ବିହାରୀ ପଣ୍ଡା ଓ ସବିତା ପଣ୍ଡା ଉପସ୍ଥିତ ଥିଲେ। ପଣ୍ଡିତ ଗୋପୀନାଥ ମହାପାତ୍ରଙ୍କ ଦ୍ୱାରା ବୈଦିକ ରୀତିନୀତି ଅନୁସାରେ ଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜସ୍ୱ ହାନି, ପର୍ଯ୍ୟଟକ ନିରାଶ ସତ୍ତ୍ୱେ ପ୍ରଶାସନ ଚୁପ୍

## ପ୍ରକୃତି ନିବାସ ପରିଚାଳନା ଦାବିରେ ଗ୍ରାମବାସୀଙ୍କ ଆନ୍ଦୋଳନ ଜାରି

ଟାଙ୍ଗୀ, ୧୩।୧୧ (ରଘୁନାଥ ସାହୁ)



ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ପରିଚାଳନା ଦାବିରେ ଗ୍ରାମବାସୀଙ୍କ ଧାରଣା।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ିସ୍ଥିତ ଚିଲିକା କୂଳରେ ବିଦେଶାଗତ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ରାଜ୍ୟ ତଥା ଦେଶ ବାହାରୁ ଶୀତଦିନେ ପକ୍ଷୀଙ୍କୁ ଦେଖିବା ପାଇଁ ପର୍ଯ୍ୟଟକମାନେ ମଙ୍ଗଳାଯୋଡ଼ି ଆସିଥାନ୍ତି। ପର୍ଯ୍ୟଟକଙ୍କ ରହଣି ପାଇଁ ପ୍ରକୃତିନିବାସ ନାମରେ ୧୨ଟି ଗୃହ ଚିଲିକା ବନ୍ୟପ୍ରାଣୀ ବିଭାଗ ଦ୍ୱାରା ୨୦୨୦ ମସିହାରୁ ମନୋରମ ପରିବେଶରେ ନିର୍ମିତ ହୋଇଛି। ଏହାର ପରିଚାଳନା ଦାୟିତ୍ୱ ଦେବା ଦାବି ନେଇ ସ୍ଥାନୀୟ ଗ୍ରାମବାସୀ ଗତ ଅକ୍ଟୋବର ୨ରୁ ଫାଟକରେ ତାଲା ପକାଇ ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ଫଳରେ ଗତ ୪୦ ଦିନ ହେଲା ପର୍ଯ୍ୟଟକ ନିରାଶ ହେବା ସାଙ୍ଗକୁ ରାଜସ୍ୱ ହାନି ହେଉଛି। ଏହାସତ୍ତ୍ୱେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି।

ଅନ୍ୟପକ୍ଷରେ ବୁଧବାର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସେ ଜିଲାପାଳ ଚଞ୍ଚଳ ରାଣା ଓ ଚିଲିକା ଡିଏଫ୍‌ଓ ଅମ୍ଲାନ୍ ନାୟକଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିବା ଜଣାପଡ଼ିଛି। ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବା ପାଇଁ ସେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ଆନ୍ଦୋଳନରୁ ଓହରିଯିବା ଲାଗି ଅନୁରୋଧ କରିଥିଲେ। କିନ୍ତୁ ଇକୋ ଡେଭଲପ୍‌ମେଣ୍ଟ ଗ୍ରୁପ୍ ଗଠନ କରାଯାଇ ଅଧିକାରୀଙ୍କ ଦ୍ୱାରା ଅନୁମୋଦନ ହେବାପରେ ଧାରଣା ପ୍ରତ୍ୟାହାର ହେବ ବୋଲି ସ୍ଥାନୀୟ ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ କହିଛନ୍ତି।

ସୂଚନା ଅନୁଯାୟୀ, ଅକ୍ଟୋବରରେ ସମସ୍ତ ୧୨ଟି ରୁମ୍ ବୁକ୍ ହୋଇଥିଲା। ତାହାକୁ ବାତିଲ କରାଯାଇଛି। ଗୋଟିଏ ରୁମ୍‌କୁ ୨୪ ଘଣ୍ଟା ପାଇଁ ୬ ହଜାର ୧୯୦ ଟଙ୍କା ଦେବାକୁ ପଡ଼ିଥାଏ। ଏହି ଟଙ୍କାରେ ରହଣି ସହ ଜଳଖିଆ, ମଧ୍ୟାହ୍ନଭୋଜନ, ରାତ୍ରିଭୋଜନ ଓ ପକ୍ଷୀ ଦେଖିବା ପାଇଁ ବୋଟ୍ ବ୍ୟବସ୍ଥା ରହିଛି। ଗତ ୪୨ ଦିନ ମଧ୍ୟରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଲାଣି। ଗ୍ରାମସଭା ମାଧ୍ୟମରେ ମଙ୍ଗଳାଯୋଡ଼ି ପଞ୍ଚାୟତର ୧୨ଟି ୱାର୍ଡରୁ ଦୁଇଜଣ ଲେଖାଏ ୨୪ ଜଣଙ୍କୁ ନେଇ ଇଡିଜି ଗଠନ କରାଯାଇ ଦାୟିତ୍ୱ ଦିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ପ୍ରକାଶ ଯେ, ଅଧିକାରୀଙ୍କ ଦ୍ୱାରା ମନୋନୀତ ଏକ ନିର୍ଦ୍ଦିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ପରେ ବିବାଦ ମୁଣ୍ଡ ଟେକିଥିଲା। ଯେଉଁ ଗୋଷ୍ଠୀ ଦାୟିତ୍ୱ ପାଇବାରୁ ବଞ୍ଚିତ ହେଲେ ସେମାନେ ପ୍ରତିବାଦ ଆରମ୍ଭ କରିଥିଲେ। ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକପ୍ରତିନିଧି ଉଦ୍ୟମ କଲେନାହିଁ। ଫଳରେ ଦୀର୍ଘଦିନ ଧରି ଖରା, ଶୀତ କାକରରେ ଧାରଣା ଚାଲିଛି। ଏପରିକି ପ୍ରକୃତିନିବାସ ପରିଚାଳନା ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀମାନଙ୍କୁ ଗ୍ରାମବାସୀ ବାହାର କରିଦେଇଥିବା ମଧ୍ୟ ଜଣାପଡ଼ିଛି।


ଜଟଣୀ ସରସ୍ୱତୀ ଶିଶୁ ମନ୍ଦିରର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ୫ ହଜାର ଲିଟର ପୋଚ ନଷ୍ଟ, ଦେଶୀ ମଦ ଜବତ

ବେଗୁନିଆ, ୧୩।୧୧ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଏବଂ ବେଗୁନିଆ ଅବକାରୀ ବିଭାଗର ମିଳିତ ସହାୟତାରେ ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇ ୫ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ଏଥିସହ ୬୮୦ ଲିଟର ଦେଶୀ ମଦ ଓ ବ୍ୟବହୃତ ସାମଗ୍ରୀ ବିଭାଗ ଜବତ କରିଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସ୍ମିତା ପଣ୍ଡାଙ୍କ ସୂଚନା ଅନୁଯାୟୀ ବୋଲଗଡ ଥାନା ଅଧୀନ ଅସରଳା ଗ୍ରାମରୁ ୫ ହଜାର ଲିଟର ପୋଚ ନଷ୍ଟ କରାଯାଇଛି। ୬୦୦ ଲିଟର ଦେଶୀ ମଦ ସହ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଜଙ୍କିଆ ଥାନା ଅଧୀନ କଲରାଝର ଗ୍ରାମର ବିକ୍ରମ ଜୟସିଂହଙ୍କଠାରୁ ୮୦ ଲିଟର ଦେଶୀ ମଦ ଜବତ ହୋଇଥିବାବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଅବକାରୀ ବିଭାଗ ଅଧିକାରୀ ତପସିନୀ ବରାଳ ସାମିଲ ହୋଇଥିଲେ।

## କାର୍ତ୍ତିକେଶ୍ୱର ଉତ୍ସବର ସୁବର୍ଣ୍ଣ ଜୟନ୍ତୀ



କଳାପଥର, ୧୩।୧୧ (ଗଙ୍ଗାଧର ସାହୁ)

କଳାପଥର ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମରେ ଚଳିତବର୍ଷ କାର୍ତ୍ତିକେଶ୍ୱର ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇ ଏହି ଉତ୍ସବ ୧୭ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ଉତ୍ସବକୁ ଅଧିକ ଲୋକପ୍ରିୟ କରିବାକୁ ଦୈନିକ ସନ୍ଧ୍ୟା ପରେ ବିଭିନ୍ନ ସାହିର ଭିନ୍ନ ଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ପରିଚାଳନା କରିଥିଲେ। କୁମ୍ଭାର ସାହି ମଣ୍ଡପରେ କାଳିଆଦଳନ ବାଲୁଙ୍କେଶ୍ୱର ନାଟ୍ୟ ପରିସଦ ଦ୍ୱାରା ସାମାଜିକ ନାଟକ ରାମ ନାଟକ, ଅସତୀ ତୁଳସୀ ସତୀଚୌରା ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ଯୁବକ ଅଭିମନ୍ୟୁ ସାହୁ, ବସନ୍ତ ସାହୁ, ମନୋଜ ସାହୁ, ପ୍ରଭାକର ସାହୁ, କୈଳାସ ଚନ୍ଦ୍ର ସାହୁ, ସୁରେଶ ଦେଉରୀ, ଗୋପାଳ ଚନ୍ଦ୍ର ଗୁରୁ ପ୍ରମୁଖ ପରିଚାଳନାରେ ସାହାର୍ଯ୍ୟ କରୁଛନ୍ତି।

## ଠକେଇ ଅଭିଯୋଗରେ ମହିଳା ଗିରଫ

ଯାଁଳା, ୧୩।୧୧ (ବୁଲା ବାରିକ)

ବିଭିନ୍ନ ବାହାନା କରି ୬ ଲକ୍ଷ ଟଙ୍କା ଧାର ନେଇ ଠକିଥିବା ଅଭିଯୋଗରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଇନ୍‌ଫୋସିଟି ଥାନା ବଡ଼ ରଘୁନାଥପୁରରେ ରହୁଥିବା ଗଞ୍ଜାମ ଜିଲା ଭଞ୍ଜନଗର ଅଞ୍ଚଳର ସବିତା ବେହେରା। ସୂଚନା ଅନୁଯାୟୀ, ସୋନାଲି ମହାନ୍ତି ନାମ୍ନୀ ଜଣେ ମହିଳା ରଘୁନାଥପୁରରେ ପରିବାର ସହ ରୁହନ୍ତି। ଗତ କିଛିବର୍ଷ ତଳେ ତାଙ୍କ ଘର ନିକଟରେ ସବିତା ଆସି ଭଡ଼ାରେ ରହିଥିଲେ। ପଡ଼ୋଶୀ ହିସାବରେ ଉଭୟଙ୍କ ସମ୍ପର୍କରେ ନିବିଡ଼ତା ଆସିଥିଲା। ଗତ ଜାନୁଆରୀରେ ସବିତା ତାଙ୍କ ଘର କାମ ପାଇଁ ସୋନାଲିଙ୍କୁ ୬ ଲକ୍ଷ ଟଙ୍କା ମାଗିବାରୁ ସେ ତାଙ୍କୁ ଧାର ସୂତ୍ରରୁ ଦେଇଥିଲେ। ୧୦/୧୨ ଦିନ ଭିତରେ ଉକ୍ତ ଟଙ୍କାକୁ ଫେରସ୍ତ ଦେବାକୁ ଚୁକ୍ତି ହୋଇଥିଲା। ଟଙ୍କା ଦେବାର ୧୫ ଦିନ ପରେ ସୋନାଲି ଟଙ୍କା ମାଗିଥିଲେ। କିନ୍ତୁ ସବିତା ଆଜିକାଲି ଦେବେ କହି ଦିନ ଗଡ଼ାଇ ଚାଲିଥିଲେ। ସୋନାଲି ବାରମ୍ବାର ଟଙ୍କା ମାଗିବାରୁ ସବିତା ଭଡ଼ାଘର ଛାଡ଼ି ପଳାଇ ଯାଇଥିଲେ। ପରେ ସୋନାଲି ଫୋନ କରିଥିଲେ ମଧ୍ୟ ସବିତା ଉଠାଇ ନ ଥିଲେ। ଏନେଇ ସୋନାଲି ଗତ ସେପ୍ଟେମ୍ବରରେ ଇନ୍‌ଫୋସିଟି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ କୌଣସି କାରଣରୁ ସବିତା ବୁଧବାର ଭଡ଼ାଘରକୁ ଆସିଥିବାବେଳେ ଖବରପାଇ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଥିଲା। ସୂଚନାଥାଉ କି, ଯାଁଳା ଅଞ୍ଚଳରେ ଏପରି ଭଡ଼ାରେ ରହି ବହୁ ମହିଳା ଅନେକ ସମୟରେ ବିଭିନ୍ନ ବାହାନା କରି ଧାର ସୂତ୍ରରେ ଟଙ୍କା ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

# ଇଗଲ କ୍ରିକେଟ୍ କ୍ଲବ ବିଜୟୀ

ଖୋର୍ଦ୍ଧା, ୧୩।୧୧ (ପ୍ରଭାତ ପାଣିଗ୍ରାହୀ)

## ଖୋର୍ଦ୍ଧା ଜିଲା ଇଣ୍ଟ୍ରା କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଖୋର୍ଦ୍ଧା ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଛି। ବୁଧବାର ନବମ ଦିନରେ ଅନୁଷ୍ଠିତ ମ୍ୟାଚ୍‌ରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବକୁ ଇଗଲ କ୍ରିକେଟ କ୍ଲବ ୨୪ ରନ୍‌ରେ ପରାସ୍ତ କରିଛି। ଟସ୍ ଜିତି ଇଗଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୩୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୮୯ ରନ୍ କରିଥିଲା। ଧରଣୀଧର ସ୍ୱାଇଁ ୪୫, ଜିତୁ ସାମନ୍ତରାୟ ୪୭ ଓ ସନ୍ଦୀପ ଚୌହାନ ୪୧ ରନ୍ କରିଥିଲେ। ଖୋର୍ଦ୍ଧା କ୍ରିକେଟ୍ ଦଳ ତରଫରୁ ତାରିଣୀ ନାୟକ ୪, ରୂପକ ଜେନା ଓ ଆଦିତ୍ୟ ଜୟସିଂହ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ୩୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୫ ରନ୍ କରିଥିଲା। ଏହି ଲିଗ୍ ମ୍ୟାଚ୍‌କୁ ଇଗଲ କ୍ରିକେଟ ଦଳ ୨୪ ରନ୍‌ରେ ଜିତିଥିଲା। ଖୋର୍ଦ୍ଧା ଦଳ ପକ୍ଷରୁ ତାରିଣୀ ନାୟକ ୪୮ ଏବଂ ଏମ୍. ସନ୍ତୋଷ ଦୋରା ୩୭ ରନ୍ ସଂଗ୍ରହ କରିଥିବାବେଳେ ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଶୁଭମ୍ ନାୟକ, ଜ୍ୟୋତି ବେହେରା ଓ ସନ୍ଦୀପ ଚୌହାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଇଗଲ କ୍ରିକେଟ କ୍ଲବର ସନ୍ଦୀପ ଚୌହାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ପ୍ରଦୀପ୍ତ କୁମାର ଜେନା ଓ ରହିମ୍ ଖାନ୍ ପରିଚାଳନା କରିଥିବା ବେଳେ ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଭୂମିକା ତୁଲାଇଥିଲେ। ମ୍ୟାଚ୍ ରେଫରି ଭାବେ ବ୍ରିଜେଶ ପ୍ରଧାନ ଓ ସଂଯୋଜକ ଭାବେ ଦେବପ୍ରସାଦ ସାମନ୍ତରାୟ ଦାୟିତ୍ୱରେ ଥିଲେ। ଗୁରୁବାର ଜଟଣୀ କ୍ରିକେଟ ଏକାଡେମୀ ଏବଂ କେ.ଟି. ଗ୍ଲୋବାଲ କ୍ରିକେଟ୍ କ୍ଲବ୍ ମଧ୍ୟରେ ଅନ୍ତିମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଚଣ୍ଡିପ୍ରସାଦ ଆଚାର୍ଯ୍ୟ ଜଣାଇଛନ୍ତି।


ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ସହ ଅତିଥିମାନେ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ବେଗୁନିଆ, ୧୩।୧୧ (ସନ୍ଧ୍ୟାରାଣୀ ମିଶ୍ର)

ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଷଷ୍ଠଠାରୁ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା କୌଶଳ ଯୋଜନାରେ ବେଗୁନିଆ ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ନଭେମ୍ବର ୨୯ ପର୍ଯ୍ୟନ୍ତ ଚାଲିବ। ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷକମାନେ ବିଭିନ୍ନ ବିଦ୍ୟାଳୟକୁ ଯାଇ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ଦଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଡଙ୍ଗରପଡା, ଗୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗଡ଼ମାଣତିର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟ ଚାଲିଛି। ସମାଜରେ ବାଳିକାଙ୍କ ଉପରେ ହେଉଥିବା ଅତ୍ୟାଚାରରୁ ସେମାନେ ନିଜକୁ କିପରି ରକ୍ଷା କରିପାରିବେ ସେ ନେଇ ବିଭିନ୍ନ ପ୍ରକାର ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି। ପତିତପାବନ ଉଚ୍ଚ ବିଦ୍ୟାଳୟ, ଗୁଡୁମର କ୍ରୀଡ଼ା ଶିକ୍ଷୟିତ୍ରୀ ମମତା ଛୋଟରାୟ ଏବଂ ଡାଳତୋଳା ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରିୟଙ୍କା ମହାନ୍ତି ଶିବିରରେ ବାଳିକାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ଭଲ ମଣିଷ ଗଢିବାକୁ ଆଧ୍ୟାତ୍ମିକ ହେବା ଆବଶ୍ୟକ



ନିରାକାରପୁର, ୧୩।୧୧ (ମାନସଚନ୍ଦ୍ର ପଟ୍ଟନାୟକ)

ଭଲ ମଣିଷ ଗଢିବାକୁ ଆଧ୍ୟାତ୍ମିକ ହେବା ନିହାତି ଆବଶ୍ୟକ। ବ୍ୟକ୍ତିର ବ୍ୟକ୍ତିତ୍ୱ ଓ କାର୍ଯ୍ୟଦକ୍ଷତା ତାକୁ ସମାଜରେ ପ୍ରତିଷ୍ଠିତ କରାଇବାରେ ସହାୟ ହୋଇଥାଏ ବୋଲି ବୁଧବାର ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା ରାମଦୟା ପରିଷଦ ପକ୍ଷରୁ ଅନୁଷ୍ଠିତ ମେଧାବୀ ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ଅଧ୍ୟାପକ ଡ. ବେଣୁଧର ଦାସଙ୍କ ପୌରାହିତ୍ୟ କରିଥିଲେ। ପରିଷଦ ସଭାପତି ଡ. ମୃତ୍ୟୁଞ୍ଜୟ ରଥଙ୍କ ସଞ୍ଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଖଣି, ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗଦର୍ଶକ ସ୍ୱାମୀ ସତ୍ୟାନନ୍ଦ ଗିରି, ମହିନ୍ଦ୍ରଗିରି ମଠାଧିଶ ଲକ୍ଷ୍ମୀ ବାବା, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷା ବ୍ରତତୀ ମିଶ୍ର, ସାମାଜିକ କର୍ମୀ ଜଗବନ୍ଧୁ କର, ନିକୁଞ୍ଜ ପଟ୍ଟନାୟକ ଓ ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳର ୧୪ ବିଦ୍ୟାଳୟର ଚଳିତବର୍ଷ ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଜିଲା ତଥା ବ୍ଲକର ୨୫ ଜଣ ଖବରଦାତାଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଦୟା ପରିଷଦ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଧାର୍ମିକ ପତ୍ରିକା 'ଧର୍ମ ଧାରା'ର ଦ୍ୱିତୀୟ ସଂସ୍କରଣ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ରମାନାଥ ଦାଶ, ଅଶୋକ ବାହୁବଳେନ୍ଦ୍ର, ଲକ୍ଷ୍ମୀଧର ଦଳେଇ, ଉପସଭାପତି ସାରଙ୍ଗଧର ବଳିଆରସିଂହ, ବେଣୁଧର ଚମ୍ପତିରାୟ, ବିଜୟ ମହାପାତ୍ର ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ବିଜେଡି ସଦସ୍ୟତା ସଂଗ୍ରହ କର୍ମଶାଳା

ବୋଲଗଡ଼, ୧୩।୧୧ (ଦେବବ୍ରତ ହୋତା)

ବୋଲଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବିଜେଡି ସଦସ୍ୟତା ସଂଗ୍ରହ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ବିଜେଡି କର୍ମୀ ଓ ସମସ୍ତ ପଞ୍ଚାୟତର ଡିଜିଟାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କର୍ମଶାଳାରେ ବିଜେଡି ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର ସ୍ୱେଚ୍ଛାସେବୀଙ୍କୁ ନୂତନ ସଭ୍ୟ ସଂଗ୍ରହ ନେଇ ପ୍ରଶିକ୍ଷଣ ଦେଇଥିଲେ। ଉଭୟ ମାନୁଆଲି ଏବଂ ଡିଜିଟାଲ ମାଧ୍ୟମରେ ସଭ୍ୟ ସଂଗ୍ରହ କରିବାକୁ ଥିବାବେଳେ ଏଥିରେ ସମସ୍ତ ବର୍ଗୀୟ ଲୋକଙ୍କୁ ସାମିଲ କରିବା ସହ ବିଶେଷ ଭାବେ ଯୁବ ଓ ଛାତ୍ରଙ୍କୁ ଗୁରୁତ୍ୱ ଦେବାକୁ ବିଧାୟକ ସାହୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ସୁବାସ ଚନ୍ଦ୍ର ରାୟଗୁରୁ, ଶୁଭେନ୍ଦ୍ର କୁମାର ସାହୁ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ, ପ୍ରଶିକ୍ଷକ ସୁରେଶ ସାମନ୍ତରାୟ ଓ ସଂଯୋଜକ ସାଗର ବରାଳ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଏବଂ ଅନ୍ୟମାନେ।

# ବୈଷ୍ଣବ କବି ଭକ୍ତଚରଣଙ୍କ ସାହିତ୍ୟ ଓଡ଼ିଆ ଜାତିର ଶ୍ରେଷ୍ଠ ସମ୍ପଦ

ବୋଲଗଡ଼, ୧୩।୧୧ (ଦେବବ୍ରତ ହୋତା)

## ଜନ୍ମମାଟି ସାନପଦରରେ ସ୍ମାରକୀ ସମାରୋହ

ଓଡ଼ିଆ ସାହିତ୍ୟ ଜଗତର ମହାନ୍ କବି ତଥା ମଥୁରା ମଙ୍ଗଳ, ଗୋପ ମଙ୍ଗଳ, ମନବୋଧ ଚଉତିଶା, କଳାକଳେବର ଚଉତିଶା, ମନଃଶିକ୍ଷା ଓ ବୈଦ୍ୟଶାସ୍ତ୍ର ପରି କାବ୍ୟର ରଚୟିତା ବୈଷ୍ଣବ କବି ଭକ୍ତଚରଣ ଦାସଙ୍କ ସ୍ମାରକୀ ସମାରୋହ ତାଙ୍କ ଜନ୍ମମାଟି ବୋଲଗଡ଼ ବ୍ଲକର କବିତୀର୍ଥ ଭାବେ ପରିଚିତ ସାନପଦର ଗ୍ରାମସ୍ଥିତ ଭକ୍ତଚରଣ ସ୍ମୃତି ସଦନଠାରେ ପାଳିତ ହୋଇଯାଇଛି। କବିତୀର୍ଥ ଭକ୍ତଚରଣ ସାହିତ୍ୟ ସଂସ୍କୃତି ସଂସଦର ଆବାହକ ଶ୍ରୀକାନ୍ତ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ସଂସଦ ସଭାପତି ତ୍ରିଲୋଚନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି ଭକ୍ତଚରଣ ଦାସଙ୍କ ସାହିତ୍ୟକୃତି ଓଡ଼ିଆ ଜାତିର ଶ୍ରେଷ୍ଠ ସମ୍ପଦ ଏବଂ ଏହା ଉପରେ ଗବେଷଣା କରି ଛାତ୍ରୀଛାତ୍ରମାନେ ଡିଗ୍ରୀ ହାସଲ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ପରିପୁଷ୍ଟ କରିବା ନିମନ୍ତେ ଭକ୍ତ ଚରଣ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ। ତାଙ୍କ ଜ୍ଞାନ ଓ ପାଣ୍ଡିତ୍ୟରେ ପ୍ରଭାବିତ ହୋଇ ପୁରୀର ତତ୍କାଳୀନ ଗଜପତି ଦ୍ୱିତୀୟ ଦିବ୍ୟସିଂହ ଦେବଙ୍କ ଭଉଣୀ ମୁକ୍ତାଦେଈ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ଗୌରବର ବିଷୟ ବୋଲି ସେ କହିଥିଲେ। ବରେଣ୍ୟ ବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ମାଙ୍ଗଳିକା ମହାପାତ୍ର ଯୋଗଦେଇ ଭକ୍ତଚରଣଙ୍କ ସାହିତ୍ୟ ଓଡ଼ିଆ ରୀତିଯୁଗ ସାହିତ୍ୟର ଅମ୍ଳାନ୍ କୃତି ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ବିଶ୍ୱଜିତ୍ ଦାସ ଯୋଗଦେଇ ଭକ୍ତଚରଣ ସାହିତ୍ୟର ଅନେକ କଥାକୁ ଇଂଲିଶ୍ ଅନୁବାଦ କରି ପରିପ୍ରକାଶ କରିଥିଲ। ସଭାରେ ସଂସଦ ସମ୍ପାଦକ ରାଜକିଶୋର ବ୍ରହ୍ମା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ସ୍ୱାଇଁ, ସମିତିସଭ୍ୟ ଦିଲୀପ ମହାପାତ୍ର, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ସୁରେଶ ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅର୍ଜୁନ ପଟ୍ଟନାୟକ ସ୍ମାରକୀ ବିବରଣୀ ପଠନ ଓ ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭକ୍ତଚରଣ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗତ ସାତଦିନ ଧରି ପ୍ରବଚନ ଓ ଭକ୍ତଚରଣ ସାହିତ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଦୁର୍ଗାପ୍ରସାଦ ସୁବୁଦ୍ଧି, ଅଶୋକ ନାୟକ, ମାନସ ରଞ୍ଜନ ସାମନ୍ତରାୟ, ଗଗନ କୁମାର ସ୍ୱାଇଁ, ବିକ୍ରମ କେଶରୀ ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ସିଂହ, ପ୍ରକାଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।




୧୩।୧୧।୨୦୨୪

| | |
|---|---|
| ୯,୧୪,୫୬୩ ଟଙ୍କା | |
| ସୁନା | ୧୪.୮୦୦ ଗ୍ରାମ୍ |
| ରୁପା | ୧୯୪.୪୦୦ ଗ୍ରାମ୍ |

# ବାଙ୍କଚୂଡ଼ା ବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଆଜି ହେବ ତ୍ରିବିକ୍ରମ ବେଶ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ଦ୍ୱାଦଶୀ ବା ପଞ୍ଚକର ଦ୍ୱିତୀୟ ଦିବସ ବୁଧବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ସମ୍ପନ୍ନ ହୋଇଛି। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ଯାଇ ଏହି ଦୁର୍ଲଭ ବେଶ ଦର୍ଶନ କରିଥିଲେ। ଏଥିପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା।

ଶ୍ରୀବିଗ୍ରହମାନଙ୍କ ଅବକାଶ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବେଶ ମଧ୍ୟରୁ ଏହା ଅନ୍ୟତମ। ପାଳିଆ ମେକାପ, ଖୁଣ୍ଟିଆ, ଚାଙ୍ଗଡ଼ା ମେକାପ ଓ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବାଙ୍କଚୂଡ଼ା ବେଶରେ ସଜ୍ଜିତ କରିଥିଲେ। ଏହି ବେଶର ବିଶେଷତ୍ୱ ହେଉଛି, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଚନ୍ଦ୍ରିକା ଚୂଳ ସହିତ ଦକ୍ଷିଣ ଦିଗକୁ ଆଡ଼ଖୋସା ପଡ଼େ ଏବଂ ଏହି ଖୋସା (ବେଣୀ)ର ଅଗ୍ରଭାଗରେ ଏକ ସୁବର୍ଣ୍ଣ କିଆ ଖଞ୍ଜାଯାଇଥିଲା। ସୂଚନାଯୋଗ୍ୟ, ଏକ ଛୋଟ ସ୍ୱର୍ଣ୍ଣକିରୀଟ ଠାକୁରମାନଙ୍କ କପାଳର ଶୀର୍ଷଭାଗରେ ଶୋଭାପାଉଥିଲା। ଲକ୍ଷ୍ମୀନାରାୟଣ ବେଶରେ ଲାଗୁଥିବା ଅଧିକାଂଶ ଅଳଙ୍କାର ଏଥିରେ ବ୍ୟବହୃତ ହୋଇଥିଲା। ଶ୍ରୀଜଗନ୍ନାଥ ଚକ୍ର ଓ ଶଙ୍ଖ ଏବଂ ବଳଭଦ୍ର ହଳମୂଷଳ ଧାରଣ କରିଥିଲେ। ଏହି ବେଶରେ ଦେବୀ ସୁଭଦ୍ରାଙ୍କ ଆଭୂଷଣ ପରିବର୍ତ୍ତନ ହୋଇନଥିଲା, ମାତ୍ର ତାଙ୍କର ମସ୍ତକ ସୁବର୍ଣ୍ଣ କିଆରେ ଶୋଭିତ କରାଯାଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ, ଯେତେବେଳେ ଭଗବାନ ଶ୍ରୀକୃଷ୍ଣଙ୍କୁ ଭକ୍ତ ଅକ୍ରୂର ମଥୁରା ନେବା ପାଇଁ ଗୋପପୁର ଆସିଥିଲେ, ଏହି ବେଶରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀମନ୍ଦିରରେ ବହୁ ପୁରାତନ କାଳରୁ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହୋଇଆସୁଛି।


ଶ୍ରୀଜୀଉଙ୍କ ବାଙ୍କଚୂଡ଼ା ବେଶ।


ଭକ୍ତମାନେ ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରୁଛନ୍ତି।

# ଜମି ଫେରିପାଇବା ଆଶା ନେଇ ଚାଷୀଙ୍କ ଖୁସି

## ବେଦାନ୍ତ ପକ୍ଷରୁ ଜମି ଅଧିଗ୍ରହଣ ପ୍ରସଙ୍ଗ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ଦୀର୍ଘ ୧୭ ବର୍ଷ ପରେ ପୁରୀ ସଦର ଅଞ୍ଚଳର ୨୨ଟି ମୌଜାର ଅଧିବାସୀଙ୍କୁ ନ୍ୟାୟ ମିଳିବା ସହ ବଡ଼ ଲଢେଇର ଯବନିକା ପଡିଛି। ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ ରୋଡ୍‌ର ବେଲଦଳ ଅଞ୍ଚଳରେ ପ୍ରସ୍ତାବିତ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଜମି ଦେଇଥିବା ଚାଷୀଙ୍କୁ ଖୁବଶୀଘ୍ର ଜମି ଫେରାଇବାକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିଶ୍ରୁତି ଦେଇଛନ୍ତି। ପୂର୍ବରୁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ମଧ୍ୟ ବେଦାନ୍ତର ୧୦ ହଜାର ଏକର ଜମି ଅଧିଗ୍ରହଣକୁ ବେଆଇନ୍ କହିବା ସହ ୫ ଲକ୍ଷ ଟଙ୍କାର ଜରିମାନା କରିଛନ୍ତି। ୨୦୦୬ରେ ରାଜ୍ୟ ସରକାର ଅନିଲ୍ ଅଗ୍ରୱାଲ ଫାଉଣ୍ଡେଶନ୍ ସହ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଏମ୍‌ଓୟୁ କରିଥିଲେ, ଯାହାକୁ ତୀବ୍ର ବିରୋଧ କରିଥିଲେ ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ। ସରକାରଙ୍କ ଜମି ଅଧିଗ୍ରହଣକୁ ୨୦୧୦ରେ ହାଇକୋର୍ଟ ବେଆଇନ୍ କହିଥିବାବେଳେ କୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ ଅନୀଲ ଅଗ୍ରୱାଲ ଫାଉଣ୍ଡେଶନ ଓ ରାଜ୍ୟ ସରକାର। ଦୀର୍ଘ ୧୭ ବର୍ଷ ପରେ ସୁପ୍ରିମକୋର୍ଟ ବେଦାନ୍ତ ବିରୋଧରେ ରାୟ ଦେଇଥିବାବେଳ ଏବେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିକ୍ରିୟାକୁ ସମ୍ପୃକ୍ତ ଚାଷୀ ତଥା ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ବେଦାନ୍ତ ବିରୋଧୀ ସଂଘର୍ଷ ସମିତି ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଜମି ଫେରାଇବା ନିଷ୍ପତ୍ତିକୁ ସ୍ୱାଗତ ଜଣାଉଛୁ। ସୁପ୍ରିମକୋର୍ଟ ରାୟ ଦେବା ପରେ ରାଜ୍ୟ ସରକାର ଆଗେଇଛନ୍ତି। ଚାଷୀଙ୍କୁ ଜମି ଫେରସ୍ତ କରାଯିବ ଓ ଚାଷୀମାନେ ସରକାରଙ୍କ ଠାରୁ ନେଇଥିବା ଟଙ୍କା ଫେରସ୍ତ କରିବେ। ତେବେ ଚାଷୀଙ୍କୁ ଏକର ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ସରକାରଙ୍କୁ ମିଶ୍ର ଅନୁରୋଧ କରିଛନ୍ତି। ସେହିପରି ପ୍ରକଳ୍ପ ପାଇଁ ଜମି ଦେଇଥିବା ଚାଷୀ ଅଭିମନ୍ୟୁ ସ୍ୱାଇଁ କହିଛନ୍ତି, ରାଜ୍ୟ ସରକାରଙ୍କ ନିଷ୍ପତ୍ତିରେ ବହୁତ ଖୁସି ଅନୁଭବ କରୁଛି। ସରକାର ଜମି ଫେରାଉଛନ୍ତି, ସତ କିନ୍ତୁ କ୍ଷତିପୂରଣ ଦେବା ଉଚିତ। ଜମି ଅଧିଗଗ୍ରହଣ ପରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ବୋଲି ସ୍ୱାଇଁ ପ୍ରକାଶ କରିଛନ୍ତି।

# ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗ, ୨ ଗିରଫ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ବ୍ରାଉନ୍ ସୁଗାର ବିକ୍ରି ଅଭିଯୋଗରେ ବାସେଳୀସାହି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସଦର ଥାନା ଅନ୍ତର୍ଗତ ଅଠରନଳାସ୍ଥିତ ନୀଳଚକ୍ରନଗରର ସୁବାଶିଷ ପଣ୍ଡା ଓ ଦୀପକ କୁମାର ପଣ୍ଡା। ପୋଲିସ ଅଭିଯୁକ୍ତଙ୍କଠାରୁ ୧୧.୫୫ ଗ୍ରାମ ଓଜନର ବ୍ରାଉନ୍ ସୁଗାର ଜବତ ସହ ନଗଦ ୧୦୬୦ ଟଙ୍କା, ୨ଟି ମୋବାଇଲ୍ ଏବଂ ୨ଟି ଗାଡ଼ି ଜବତ କରିଛି। ଏନେଇ ପୋଲିସ କେସ୍ ନଂ.୨୩୨/୨୪ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ଦୁଇଜଣ ଗିନାରୀବନ୍ତ ଆଶ୍ରମ ନିକଟରେ ବ୍ରାଉନ୍ ସୁଗାର କାରବାର କରୁଥିବା ଖବରପାଇ ପୋଲିସ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଗିରଫ କରିଥିଲା।

# କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟରେ ସର୍ଗିଫୁଲ କାର୍ଯ୍ୟକ୍ରମ



ସର୍ଗିଫୁଲ କାର୍ଯ୍ୟକ୍ରମରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କୋଣାର୍କ,୧୩।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଜିଲାସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କାଙ୍କ ଅଧକ୍ଷତାରେ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ପ୍ରଭାତ କୁମାର ସିଂହ, ଅମିତା ମିଶ୍ର, ଗୋପ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ରଥ, ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ସହ ଚେତନାଧର୍ମୀ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ମିଶ୍ର, ମନୋଜ ପଲାଇ ସଞ୍ଚାଳନ କରିଥିବାବେଳେ ଶିକ୍ଷକ ସତ୍ୟସୁନ୍ଦର ମିଶ୍ର, ଅର୍ଜ୍ଜୁନ ଦଳାଇ, ଭାଗୀରଥି ପାଇକରାୟ, ଗୌରୀଶଙ୍କର ଜେନା, ଶିକ୍ଷୟିତ୍ରୀ ନୟନା ଶତପଥୀ, ଶିଲା ଭଞ୍ଜ, ବନଜା ମହାନ୍ତି, ଦୀପିକା ଜେନା, ସୁଲୋଚନା ବେହେରା ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ମହାପ୍ରସାଦ ସେବନକୁ ନେଇ ହବିଷିଆଳିଙ୍କ ମଧ୍ୟରେ ଅସନ୍ତୋଷ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ତ୍ତିକ ବ୍ରତ ପାଇଁ ପୁରୀରେ ୪ଟି ହବିଷିଆଳି କେନ୍ଦ୍ର କରାଯାଇଛି। ସରକାରଙ୍କ ପକ୍ଷରୁ ପ୍ରତିଦିନ ହବିଷିଆଳିଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ହେଲେ ବୁଧବାର ବୃନ୍ଦାବତୀ ଭକ୍ତନିବାସ ହବିଷିଆଳି କେନ୍ଦ୍ରରେ ମହାପ୍ରସାଦ ସେବନକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ କେନ୍ଦ୍ରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ପ୍ରତିଦିନ ପରି ବୁଧବାର ହବିଷିଆଳିଙ୍କ ପାଇଁ ମହାପ୍ରସାଦ ଆସିଥିଲା। ବର୍ତ୍ତମାନ ପଞ୍ଚକ ଚାଲିଥିବାରୁ ସାମାନ୍ୟ ବିଳମ୍ବରେ ମହାପ୍ରସାଦ ହବିଷିଆଳି କେନ୍ଦ୍ରରେ ପହଞ୍ଚିଥିଲା। ପରେ ପ୍ରଥମ ବ୍ୟାଚ୍‌ରେ କେତେଜଣ ହବିଷିଆଳି ମହାପ୍ରସାଦ ସେବନ କରିଥିଲେ। ଦ୍ୱିତୀୟ ବ୍ୟାଚ୍‌ରେ ମହାପ୍ରସାଦ ସେବନ ପାଇଁ ବସିଥିବା ହବିଷିଆଳି ଯେଉଁ ପରିମାଣରେ ମହାପ୍ରସାଦ ଆସିବା କଥା ଯଥେଷ୍ଟ କମ୍ ଆସିଥିବା ହବିଷିଆଳି ଅଭିଯୋଗ କରିଥିଲେ। ଫଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ପଦ୍ମବେଶରେ ଦର୍ଶନ ଦେଲେ ପତିତପାବନ

ପିପିଲି,୧୩।୧୧(ପ୍ରଭାତ କୁମାର ମହାପାତ୍ର)



ପବିତ୍ର କାର୍ତ୍ତିକ ହବିଷ ମାସ ପାଳନ ଅବସରରେ ପିପିଲି ବଜାରସ୍ଥିତ ଦର୍ଜି ସାହିରେ ଅବସ୍ଥିତ ଶ୍ରୀପତିତପାବନ ଦେବଙ୍କ ମାସେ ବ୍ୟାପୀ ବିଭିନ୍ନ ପ୍ରକାରର ନୀତିକାନ୍ତି ଅନୁଷ୍ଠିତ ହେଉଛି। ପଞ୍ଚକ ପ୍ରତ୍ୟହ ସକାଳେ ଶତାଧିକ ବ୍ରତଧାରିଣୀ ହବିଷିଆଳି ରାଧାଦାମୋଦର ପୂଜା କରିବା ସହିତ ଅଁଳା ବୃକ୍ଷ ପରିକ୍ରମା କରିଛନ୍ତି। ଦହିଚୁଡ଼ା ଓ ପହିଲି ଖେଚୁଡ଼ି ଭୋଗ ଲାଗି କରିଥାଆନ୍ତି। ସନ୍ଧ୍ୟାବେଳେ ଆଳତି ଓ ଭାଗବତ ପାଠ କରାଯାଉଛି। ପାରମ୍ପରିକ ଭାବେ ଏହି ପଞ୍ଚକ ୫ ଦିନରେ ୫ ପ୍ରକାର ବେଶ ହୋଇଥାନ୍ତି। ବୁଧବାର ପଦ୍ମବେଶକୁ ଶତାଧିକ ଭକ୍ତ ଦର୍ଶନ କରିଛନ୍ତି। ମାସ ସାରା ଭକ୍ତମାନଙ୍କ ନିମନ୍ତେ ମନ୍ଦିର କମିଟି ତରଫରୁ ବିଶେଷ ହବିଷ ଅବଢ଼ା ପ୍ରସାଦରେ ଅନ୍ନ, ଡାଲମା, ବେସର, ମହୁର, ଖଟା, ଖିରି ଇତ୍ୟାଦି ମନ୍ଦିର ତରଫରୁ ବିକ୍ରି ବ୍ୟବସ୍ଥା କରାଯାଇଛି। କାର୍ତ୍ତିକ ପୂର୍ଣ୍ଣିମାରେ ଭଜନ କୀର୍ତ୍ତନ ସହ ମଙ୍ଗଳ ଆଳତି, ପ୍ରସାଦ ବ୍ୟବସ୍ଥା ଓ ସୁନାବେଶ ଅନୁଷ୍ଠିତ ହେବ ବୋଲି ମନ୍ଦିର ପ୍ରଶାସନର ସଭାପତି ସୁରେନ୍ଦ୍ର ମହାପାତ୍ର ଓ ସମ୍ପାଦକ ଗୋପାଳ ମହାପାତ୍ର ପ୍ରକାଶ କରିଛନ୍ତି।

# କାକଟପୁର ଥାନାରେ ଯୋଗଦେଲେ ପୂର୍ବତନ ଆଇଆଇସି ଉମେଶ ସାହୁ

କାକଟପୁର,୧୩।୧୧(ଶୁଭଦର୍ଶନ ମିଶ୍ର)

କାକଟପୁର ଥାନାରେ ଗତ ୮ମାସ ପୂର୍ବରୁ ସତ୍ୟବାଦୀ ଥାନାକୁ ବଦଳି ହୋଇଥିବା ପୂର୍ବତନ ଆଇଆଇସି ଉମେଶ ଚନ୍ଦ୍ର ସାହୁ ପୁଣିଥରେ ବୁଧବାର କାକଟପୁର ଥାନାରେ ଯୋଗ ଦେଇଛନ୍ତି। ଆଇଆଇସି ସାହୁଙ୍କ ଯୋଗଦାନ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସାହୁଙ୍କ କାର୍ଯ୍ୟକାଳ ସମୟରେ ଆଇନ ଶୃଙ୍ଖଳା ସୁବ୍ୟବସ୍ଥିତ ହୋଇଥିବାବେଳେ ମହିଳା ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଥିଲେ। ଏବେ ପୁଣିଥରେ କାକଟପୁର ଥାନାର ଆଇଆଇସି ଭାବେ ଯୋଗଦେବା ପରେ କେତେକ ଅଭ୍ୟାସଗତ ଅପରାଧୀଙ୍କ ମନରେ ଛନକା ପଶିଛି।

# ମାର୍ଚ୍ଚ ୭ରୁ ମଙ୍ଗଳା ମହୋତ୍ସବ

କାକଟପୁର ଅସ୍ତରଙ୍ଗ,୧୩।୧୧ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁରରେ ମାର୍ଚ୍ଚ ୭ରୁ ୯ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ମା' ମଙ୍ଗଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ବୁଧବାର ସ୍ଥାନୀୟ ଜଳସେଚନ ବିଭାଗ ଡାକବଙ୍ଗଳା ଠାରେ କମିଟିର ସଭାପତି ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପାଦକ ସ୍ୱାଧୀନ କୁମାର ନାୟକ, ପ୍ରଦୀପ୍ତ ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, କମଳଲୋଚନ ଦୀକ୍ଷିତ, ତୁଷାରରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ ଓ ମାନସ ଦୀକ୍ଷିତ ପ୍ରମୁଖ ୫୦ଜଣ ସଦସ୍ୟ ଯୋଗ ଦେଇଥିଲେ।

# ତୁଳସୀ ବିବାହ ସମ୍ପନ୍ନ: ନାରାୟଣଙ୍କ ହାତ ଧରିଲେ ତୁଳସୀ

ସାକ୍ଷୀଗୋପାଳ,୧୩। ୧୧(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ)



ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ତୁଳସୀ ବିବାହ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ବର ପିତା ଭାବେ ଶରତ ଚନ୍ଦ୍ର ହୋତା ଓ ମାତା ସଞ୍ଜୁକ୍ତା ହୋତାଙ୍କୁ ରଞ୍ଜିତା ମହାପାତ୍ର ଓ ସତ୍ୟପ୍ରିୟ ମହାପାତ୍ର ବିବାହ ବେଦିରେ କନ୍ୟାଦାନ କରିଥିଲେ। ବରଯାତ୍ରୀମାନଙ୍କୁ ସ୍ୱାଗତ, ପ୍ରଥମ ବରଣ, ଦ୍ୱିତୀୟ ବରଣ, ଯଜ୍ଞ ଅନୁଷ୍ଠିତ ହୋଇଥିଲା। ନାରାୟଣଙ୍କ ସହିତ ତୁଳସୀଙ୍କର ହାତଗଣ୍ଠି ପକାଯାଇଥିଲା। ବିବାହ ଉତ୍ସବରେ ଯୋଗ ଦେଇଥିବା ମହିଳାମାନେ ବରକନ୍ୟାଙ୍କୁ ହୁଳହୁଳି ପକାଇ ବନ୍ଦାପନା କରିଥିଲେ। ରାଜ୍ୟ ବାହାରୁ ଯୋଗ ଦେଇଥିବା ଗୋଟିଏ ଦମ୍ପତି ଏହି ବିବାହ ଉତ୍ସବରେ ବରକନ୍ୟାଙ୍କୁ ନୂତନ ବସ୍ତ୍ର, ଅଳଙ୍କାର ମଧ୍ୟରେ ମଙ୍ଗଳସୂତ୍ର, ମୁଦି, ଚେନ ପ୍ରଦାନ କରିଥିଲେ। ପଣ୍ଡିତ ହରିହର ମହାପାତ୍ର ଓ ବଂଶୀଧର ପାଢ଼ୀ ବୈଦିକ କାର୍ଯ୍ୟ ସମ୍ପାଦନ କରିଥିଲେ। ରାମଚନ୍ଦ୍ର ନନ୍ଦ, ବିଶ୍ୱନାଥ ମହାପାତ୍ର ଓ ଲୋକନାଥ ବାରିକ, ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଗୁରୁକୁଳ ଆଥ୍‌ଲେଟିକ୍ସ କୋଚ୍ ବିଷ୍ଣୁ ପ୍ରସାଦ ମିଶ୍ର, ଅନ୍ତର୍ଜାତୀୟ ପାରା ଆଥ୍‌ଲେଟ ଜୟନ୍ତୀ ବେହେରା ଓ ଗୁରୁକୁଳ ବିଦ୍ୟାର୍ଥୀ ପ୍ରମୁଖ ସହଯୋଗ କରିଥିଲେ। ବିବାହ ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳପକ୍ଷ ଗରୁଡ଼ ଦ୍ୱାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଆୟୋଜନ କରାଯାଉଛି।

# ଶୃଙ୍ଖଳିତ ଦର୍ଶନ ନିମନ୍ତେ ଲାଗିଲା ସିସିଟିଭି

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିଠାରୁ ପଞ୍ଚକ ବ୍ରତ ଆରମ୍ଭ ହୋଇଛି। ପଞ୍ଚକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ସିଂହଦ୍ୱାରରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ହୋଇଥିଲା। ଭିଡ଼ ଏତେମାତ୍ରାରେ ହୋଇଥିଲା ଯେ, ସିଂହଦ୍ୱାର ସମ୍ମୁଖରେ ସେବାୟତ ଓ କର୍ମଚାରୀଙ୍କ ପାଇଁ କରାଯାଇଥିବା ରାସ୍ତାଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଧସେଇ ପଶିଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବୁଧବାର ସେହି ରାସ୍ତାରେ ସିସିଟିଭି ଲଗାଯାଇଛି। ଉକ୍ତ ରାସ୍ତାରେ କେଉଁମାନେ ଯିବାଆସିବା କରୁଛନ୍ତି ସେ ନେଇ ନଜର ରଖାଯିବା ପାଇଁ ପ୍ରଶାସନ ପକ୍ଷରୁ ସିସିଟିଭିର ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ମଙ୍ଗଳବାର ବଡ଼ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ବିଶେଷ ନୀତି ହୋଇଥିବାରୁ ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇପାରି ନ ଥିଲା। ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ପ୍ରଶାସନ କଲା ନାହିଁ, ନାଳ ସଫା କଲେ ଚାଷୀ

କଣାସ,୧୩।୧୧(ବିଭୂତି ଭୂଷଣ ତ୍ରିପାଠୀ)



କଣାସ ବ୍ଲକର ସାହସପୁର ନିକଟରୁ ମକରା ନଦୀରୁ ବାହାରିଥିବା ଆଡ଼ିନଦୀ ନାଳ ୩ କି.ମି. ଅତିକ୍ରମ କରି ବଡ଼ଓରା ନିକଟରେ ପୁନଶ୍ଚ ମକରା ନଦୀରେ ସଂଯୋଗ ହୋଇଛି। ଏହି ନାଳ ଉପରେ ସାହସପୁର, ସାନଓରା, ବଡ଼ଓରା, ଓଗାଳପୁର ଗ୍ରାମର ଚାଷୀମାନେ ନିର୍ଭର କରିଥାନ୍ତି। ପାଇକମରା, ଜାଗୁଲେଇପଦର, କଉଡ଼ିଖିଣି, କଳାପଦର, ଗୋପୀନାଥପୁର ଗ୍ରାମର ବର୍ଷା ଓ ବନ୍ୟାଜଳ ଏହି ନାଳଦେଇ ନିଷ୍କାସନ ହେଉଥିବା ବେଳେ ନାଳରେ ପ୍ରଚୁର ପରିମାଣର କଳିକତି ଦଳ ରହିଥିବାରୁ ତଳମୁଣ୍ଡକୁ ପାଣି ଆସୁନାହିଁ। ଏନେଇ ଚାଷୀମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦଳ ସଫା ପାଇଁ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବୁଧବାର ସାହସପୁର ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏକ ବୈଠକ କରି ଦଳସଫା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅନ୍ୟ ଗ୍ରାମବାସୀ ଗୁରୁବାର ଠାରୁ ସାମିଲ ହୋଇ ଦଳସଫା କରିବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଦଳ ସଫା ପରେ ଉକ୍ତ ଆଡ଼ି ନଦୀ ନାଳରେ ମକରା ନଦୀରୁ ଜଳ ପ୍ରବେଶ କରିଛି। ଫଳରେ ଚାଷୀମାନେ ସେଠାରୁ ପାଣି ମଡ଼ାଇବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଉକ୍ତ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଯୋଗୁ ଶାରଦ ଧାନ ଫସଲ ଧୋଇ ଯାଉଥିବାରୁ ଚାଷୀମାନେ ରବି ଫସଲ ଉପରେ ନିର୍ଭର କରିଥାନ୍ତି।

# ଡିଏଭି ପୁରୀରେ ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ



ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

ଡିଏଭିପବ୍ଲିକ୍‌ସ୍କୁଲ ପରିସରରେ ବିଦ୍ୟାଳୟର ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସଙ୍ଗୀତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀଟି ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ବିମଳେଶ କୁମାର ଦୁବେ, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟା ଆହ୍ଲାଦିନୀ ପଟ୍ଟନାୟକ ଓ ଗୌରହରି ପ୍ରଧାନ ଯୋଗଦାନ ପୂର୍ବକ ଉଦ୍ଘାଟନ କରିଥିଲେ। ଅତିଥି ମାନେ ବିଭାଗର ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ । ଏହିପରି ଛୋଟ ଛୋଟ ଗବେଷଣା ଦିଗରେ ଅଗ୍ରସର ହେବା ପାଇଁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଭାଗର ନୀରିକ୍ଷକ ଯଥା - ବିଜ୍ଞାନ -ଗୌରୀ ଶଙ୍କର ଚଇନି, ଗଣିତ ଓ କମ୍ପ୍ୟୁଟର - ବିନୋଦ କୁମାର ମୁଦୁଲି, ଓଡ଼ିଆ - ମିନତି ପଟ୍ଟନାୟକ, ହିନ୍ଦୀ ଓ ସଂସ୍କୃତ - ରାଜଦୀପ, ଇଂରାଜୀ - ପ୍ରଦୀପ କୁମାର ସାହୁ, ସାମାଜିକ ବିଜ୍ଞାନ - ଝରଣା ସେନାପତି ଆଦି ଯୋଗ ଦେଇ ପିଲା ମାନଙ୍କ ଜ୍ଞାନର ମୂଲ୍ୟାଙ୍କନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମିନାକ୍ଷୀ ମିଶ୍ର ଏହାକୁ ପରିଚାଳନା କରିଥିଲେ । ଏହି ଅବସରରେ ସନ୍ତୋଷ ଘଟୁଆରୀ ଙ୍କ ନିର୍ଦ୍ଦେଶିତ ମଙ୍ଗଳାଚରଣ ଓ ଶ୍ରୀ ଜଗନ୍ନାଥ ବନ୍ଦନା ନୃତ୍ୟ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ଏହି ପ୍ରଦର୍ଶନୀ ଉତ୍ସବଟି ସାଫଲ୍ୟମଣ୍ଡିତ ହେବା ସହ ଛାତ୍ରୀ ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

# ବିଭୋର କଲା ପ୍ରବଚନ, ଭଜନ, ଓଡ଼ିଶୀ ନୃତ୍ୟ

ପୁରୀ,୧୩।୧୧(ଅଜିତ୍ କୁମାର ମହାନ୍ତି)

## ପଞ୍ଚକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ପଞ୍ଚକ ମହୋତ୍ସବରେ ଅତିଥି ଓ କଳାକାରମାନେ।

ପଞ୍ଚକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରବଚନ, ଭଜନ ଏବଂ ଓଡ଼ିଶୀ ନୃତ୍ୟରେ ବିଭୋର ହୋଇଛନ୍ତି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ। ମଞ୍ଚ ପରିସରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଭଗବାନ ସୁଆର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଅଙ୍ଗେନିଭା କଥା କହି ମହାପ୍ରଭୁଙ୍କ ପାଖରେ ସମସ୍ତେ ଭାବ ଭକ୍ତିରେ ସମର୍ପଣ ହୋଇ କୃପା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏବଂ ଶ୍ରୀମନ୍ଦିର ସେବକ ଗଣେଶ କୁମାର ମହାସୁଆର ଯୋଗଦେଇ ପବିତ୍ର କାର୍ତ୍ତିକ ମାସର ମାହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ। ମହୋତ୍ସବ ଅଭ୍ୟର୍ଥନା କମିଟି ସଭାପତି ଜଗନ୍ନାଥ ଦାସ ମହାପାତ୍ର ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ କାର୍ଯ୍ୟକାରୀ ଉପାଧ୍ୟକ୍ଷ ଚକ୍ରଧର ମହାପାତ୍ର, ଅଭ୍ୟର୍ଥନା କମିଟି ସମ୍ପାଦକ ମଧୁସୂଦନ ମିଶ୍ର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ରାମଚନ୍ଦ୍ର ଦୋରା, ବୀରେନ୍ଦ୍ର କୁମାର ଶାସ୍ତ୍ରୀ, ଗୋପୀନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ସଂଯୋଜକ ସତ୍ୟନାରାୟଣ ଦାଶ, ଜ୍ୟୋତିପ୍ରକାଶ ଜେନା, ତ୍ରିଲୋଚନ ରଥ, ରଘୁନାଥ ମହାନ୍ତି, ଗୋପୀନାଥ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ବିଶ୍ୱନାଥ ଜଗଦ୍ଦେବ, ବିଶ୍ୱନାଥ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ରାଧାମୋହନ ସଂକୀର୍ତ୍ତନ ଦଳ ପକ୍ଷରୁ ସଂକୀର୍ତ୍ତନ କରାଯାଇଥିଲା। ପୁରୀ ଶ୍ରୀକଳା ନିକେତନର ଗୁରୁ ରୋଜାଲିନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା। ବିଶ୍ୱରୂପା, ସ୍ନେହାସିସ୍ମା, ସାଇଲିନ, ସ୍ନେହଲତା, ତନବୀ, ଆରାଧ୍ୟା, ଶ୍ରୀସମ୍ପନ୍ନା, ସିଦ୍ଧିସ୍ୱରୂପା, ସମୃଦ୍ଧି, ବାଗ୍ମିସାଇସ୍ମିତା, ପ୍ରିୟାଂଶୀ, ପ୍ରଜ୍ଞା, ନନ୍ଦିନୀ, ପୂରବି, ଆରାଧ୍ୟାଦାସୀ, ସ୍ନେହାଞ୍ଜଳି, ମାମା ଓ ସିନ୍ଧୁଜା ନୃତ୍ୟରେ ଅଭିନୟ କରିଥିଲେ। ପ୍ରବକ୍ତା ମିନାକ୍ଷୀ ଶତପଥୀ ହରିକଥା ଓ ରାମନାମ ଶ୍ରବଣ କରାଇଥିଲେ। ନିମାପଡ଼ା ଯମୁନା ଆଶ୍ରମର କଳାକାର ଭକ୍ତିପୂର୍ଣ୍ଣ ଭଜନ ପରିବେଷଣ କରିଥିଲେ। ରୋନାଲି, ସୁଶ୍ରୀ ସସ୍ମିତା, ବର୍ଷା, ଶିବ, କୈଳାସ, ନିରଞ୍ଜନ, ସତ୍ୟରଞ୍ଜନ ଭଜନ ଗାନ କରିଥିଲେ। ବାଦ୍ୟଯନ୍ତ୍ରରେ ବିଜୟ, ସୁବାସ, ଶିବ, ଧୁଡିଆ, ନୁରିଆ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ସିଦ୍ଧାର୍ଥ ପଟ୍ଟନାୟକ, ଅଭିମନ୍ୟୁ କାନୁନ୍‌ଗୋ ସଂଯୋଜନା କରିଥିଲେ।

# ତୃତୀୟ ଟି୨୦ ଜିତିଲା ଭାରତ

## ତିଳକ ବର୍ମାଙ୍କ ଅପରାଜିତ ଶତକ

**ସେଞ୍ଚୁରିଅନ୍, ୧୩।୧୧**

ତିଳକ ବର୍ମାଙ୍କ ପ୍ରଥମ ଅନ୍ତର୍ଜାତୀୟ ଶତକ ବଳରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଟି୨୦ ମ୍ୟାଚ୍‌କୁ ୧୧ ରନ୍‌ରେ ଜିତି ନେଇଛି ଭାରତ। ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୭ ଉଇକେଟ ହରାଇ ୨୦୮ ରନ୍ କରିଥିଲା। ଭାରତ ପକ୍ଷରୁ ଏହି ମ୍ୟାଚ୍‌ରେ ଆଭେଶ୍ ଖାନ୍‌ଙ୍କ ସ୍ଥାନରେ ରମଣଦୀପ ସିଂ ପଦାର୍ପଣ କରିଥିଲେ। ଏହି ବିଜୟ ସହ ୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି। ସିରିଜର ଅନ୍ତିମ ମ୍ୟାଚ୍ ଶୁକ୍ରବାର ଜୋହାନ୍ସବର୍ଗରେ ଖେଳାଯିବ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଓଭରରେ ଖାତା ଖୋଲିବା ଆଗରୁ ସଞ୍ଜୁ ସାମସନ(୦)ଙ୍କ ଉଇକେଟ ହରାଇଥିଲା। ସାମସନ୍ ଲଗାତାର ମ୍ୟାଚ୍‌ରେ ଖାତା ଖୋଲି ପାରି ନ ଥିଲେ। ଅଭିଷେକ ଶର୍ମା(୫୦) ଓ ତିଳକ ବର୍ମା(୧୦୭*) ତୃତୀୟ ଉଇକେଟରେ ୧୦୭ ରନ୍ ଯୋଡିଥିଲେ। ଫର୍ମକୁ ଫେରିବା ସହିତ ଅଭିଷେକ ୨୫ ବଲ ଖେଳି ୩ ଚୌକା ଓ ୫ ଛକା ସହ ୫୦ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ମାତ୍ର ୧ ରନ୍ କରି ଆଉଟ ହୋଇଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଭଲ ଆରମ୍ଭ ପାଇ ୧୮ ରନ୍ କରି ଥିଲେ ମଧ୍ୟ ଲେଗ୍ ବିଫୋର ହୋଇଥିଲେ। ପରେ ରିଙ୍କୁ ସିଂ ମଧ୍ୟ ମାତ୍ର ୮ ରନ୍ ସ୍କୋର କରିଥିଲେ। ବିଗତ କିଛି ଇନିଂସ୍ ଧରି ରିଙ୍କୁଙ୍କ ବ୍ୟାଟ୍ ନୀରବ ରହିଛି। ଚଳିତ ସିରିଜ୍‌ରେ ୩ଟି ମ୍ୟାଚ୍ ଖେଳିସାରିଥିଲେ ମଧ୍ୟ ଥରେ ବି ଦୁଇ ଅଙ୍କରେ ପହଞ୍ଚି ପାରିନାହାନ୍ତି ରିଙ୍କୁ। ଗୋଟିଏ ପଟରୁ ଉଇକେଟ ସମ୍ଭାଳିଥିବା ତିଳକ ୫୬ ବଲ୍ ଖେଳି ୮ ଚୌକା ଓ ୭ ଛକା ସହ ୧୦୭ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। ଶେଷ ଭାଗରେ ଡେବ୍ୟୁଟାଣ୍ଟ ରମଣଦୀପ ୬ ବଲ୍ ଖେଳି ଗୋଟିଏ ଲେଖାଏ ଛକା ଓ ଚୌକା ସହିତ ୧୫ ରନ୍ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କେଶବ ମହାରାଜ,ଆଣ୍ଡିଲେ ସିମାଲିନେ ୨ଟି ଲେଖାଏ ଓ ମାର୍କୋ ଜାନସେନ ଗୋଟିଏ ଉଇକେଟ ନେଇଥିଲେ।

୨୨୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିବା ବେଳେ ୧୧ ରନ୍‌ରେ ପରାଜିତ ହୋଇଥିଲେ। ଦଳ ପକ୍ଷରୁ ମାର୍କୋ ଜାନ୍‌ସେନ୍ ସର୍ବାଧିକ ୫୪ ରନ୍ କରିଥିଲେ। ଶେଷ ୨ ଓଭରରେ ୫୧ ରନ୍ ଆବଶ୍ୟକ ଥିବା ବେଳେ ଜାନ୍‌ସେନ୍ ଧୂଆଁଧାର ବ୍ୟାଟିଂ କରିଥିଲେ। ୧୭ ବଲ୍‌ର ଏହି ଇନିଂସରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ୧୬ ବଲ୍‌ରେ ଜାନ୍‌ସେନ୍ ଅର୍ଦ୍ଧଶତକ ପୂରଣ କରିବା ସହ ଦ୍ୱିତୀୟ ଦ୍ରୁତତମ ଦକ୍ଷିଣ ଆଫ୍ରିକୀୟ ଖେଳାଳି ହୋଇଛନ୍ତି। ୧୫ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା କ୍ୱିଣ୍ଟନ୍ ଡି କକ୍ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି କାମେରନ୍ ଗ୍ରୀନଙ୍କୁ ପଛରେ ପକାଇ ଭାରତ ବିପକ୍ଷରେ ଦ୍ରୁତତମ ଅର୍ଦ୍ଧଶତକ ହାସଲ କରିଛନ୍ତି ଜାନ୍‌ସେନ୍। ଅର୍ଦ୍ଧଶତକ ହାସଲ କରିବାର ପର ବଲରେ ସେ ଲେଗ୍ ବିଫୋର ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହେନ୍‌ରିଚ୍ କ୍ଲାସେନ୍ ୪୧, ଏଡେନ୍ ମାରକ୍ରମ ୨୯, , ରୀଜା ହେଣ୍ଡ୍ରିକ୍ସ ୨୧ ଓ ର୍ୟାନ୍ ରିକେଲଟନ୍ ୨୦ ରନ୍ କରିଥିଲେ। ୮୪ ରନ୍‌ରେ ଚତୁର୍ଥ ଉଇକେଟର ପତନ ପରେ କ୍ଲାସେନ୍ ଓ ମିଲର(୧୮)ଙ୍କ ମଧ୍ୟରେ ୫୮ ରନ୍‌ର ଭାଗୀଦାରି ହୋଇଥିଲା। କ୍ଲାସେନ୍ ୨୨ ବଲ୍ ଖେଳି ୧ ଚୌକା ଓ ୪ ଛକା ମାରି ୪୧ ରନ୍ ସ୍କୋର କରିଥିଲେ। ଦଳୀୟ ସ୍କୋର ୧୪୨ରେ ମିଲର ଆଉଟ୍ ହେବା ପରେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ କ୍ଲାସେନ ଅର୍ଶଦୀପଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ। ତେବେ ମାର୍କୋ ଜାନ୍‌ସେନ ଏକାକୀ ସଂଘର୍ଷ କରି ମ୍ୟାଚ୍‌କୁ ଶେଷ ଓଭର ଯାଏ ନେଇଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରୁନ ଚକ୍ରବର୍ତ୍ତୀ ୨, ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ତିଳକ ବର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ତିଳକ ବର୍ମା ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୧୯/୬ (ତିଳକ ବର୍ମା-୧୦୭*, ଅଭିଷେକ ଶର୍ମା-୫୦, ହାର୍ଦ୍ଦିକ ପାଣ୍ଡ୍ୟା-୧୮, କେଶବ ମହାରାଜ-୨/୩୬, ଆଣ୍ଡିଲେ ସିମାଲିନେ-୨/୩୪, ମାର୍କୋ ଜାନସେନ୍-୧/୨୮)।

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୨୦୮/୭ (ମାର୍କୋ ଜାନସେନ୍-୫୪, ହେନରିଚ୍ କ୍ଲାସେନ୍-୪୧, ଏଡେନ୍ ମାରକ୍ରମ-୨୯, ଅର୍ଶଦୀପ ସିଂ-୩/୩୭, ବରୁନ ଚକ୍ରବର୍ତ୍ତୀ-୨/୫୪, ଅକ୍ଷର ପଟେଲ-୧/୨୯)।

# ସୌଭାଗ୍ୟଙ୍କୁ ୫ ଉଇକେଟ

**ବରଗଡ଼, ୧୩।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ଓ ମେଘାଳୟ ମଧ୍ୟରେ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ମ୍ୟାଚ୍ ବୁଧବାର ଆରମ୍ଭ ହୋଇଛି। ମେଘାଳୟ ଦଳ ପ୍ରଥମେ ବ୍ୟାଟିଂ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୯୬ ରନ କରି ଅଲ୍ ଆଉଟ୍ ହୋଇ ଯାଇଥିଲା। ଜବାବରେ ଓଡ଼ିଶା ଷ୍ଟମ୍ପ ଅପସାରଣ ବେଳକୁ ୩ ଉଇକେଟରେ ୧୮୬ ରନ୍ କରିଛି। ମେଘାଳୟ ପକ୍ଷରୁ ଶୁଭମ୍ ସର୍ବାଧିକ ୪୩ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୌଭାଗ୍ୟ ଓଝା ୨୩ ରନ ଦେଇ ୫ ଉଇକେଟ ନେଇଥିଲେ। ସୌଭାଗ୍ୟ ଭୁବନେଶ୍ୱର ଇନ୍ଦିରା ମଇଦାନସ୍ଥିତ ଜାଗୃତି କ୍ରିକେଟ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଅନ୍ୟ ମାନଙ୍କ ମଧ୍ୟରେ କ୍ରିଷ୍ଣା ମହାନ୍ତି, ଅଭିଷେକ ସିଂ ୨ଟି ଲେଖାଏ ଓ ସମ୍ବିତ କୁମାର ବେଜା ଗୋଟିଏ ଉଇକେଟ ନେଇଥିଲେ। ଓଡ଼ିଶା ପକ୍ଷରୁ ଓପନର ପ୍ରୟାନ ପ୍ରନ୍ତିକ୍ ସାମଲ ୬୯ ଓ ବିଶ୍ୱଜିତ ପ୍ରଧାନ ୪୮ ରନ କରିଥିଲେ। ଷ୍ଟମ୍ପସ ବେଳକୁ ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ ୫୩ ଓ ସମ୍ବିତ ବେଜା ୭ ରନରେ ବ୍ୟାଟିଂ କରୁଛନ୍ତି।



ସୌଭାଗ୍ୟ ଓଝା

# ସେମିରେ ସୁବ୍ରତ-ଚିରାଗ, ରାକେଶ-ଆଶୁତୋଷ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ସିନିୟର ସ୍ନୁକରର ପ୍ରଥମ ସେମିରେ ସୁବ୍ରତ ଦାସ-ଚିରାଗ ଆରୋରା ଏବଂ ଦ୍ୱିତୀୟ ସେମିଫାଇନାଲରେ ରାକେଶ ରୋଶନ ପ୍ରଧାନ-ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ମୁକାବିଲା ହେବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ରଙ୍କୁ ସୁବ୍ରତ ଦାସ ୪-୨, ଅବିନାଶ ମହାପାତ୍ରଙ୍କୁ ଆଶୁତୋଷ ପାଢ଼ୀ ୪-୦, ଚେନ ଆନନ୍ଦଙ୍କୁ ରାକେଶ ରୋଶନ ପ୍ରଧାନ ୪-୧ ଓ ଅଲ୍‌ତାଫ ଅଲୀଙ୍କୁ ଚିରାଗ ଆରୋରା ୪-୧ ଫ୍ରେମ୍‌ରେ ପରାସ୍ତ କରିଛନ୍ତି।


ଚିରାଗ ଆରୋରା

# ପ୍ରୋ କବାଡି ଲିଗ୍: ଷ୍ଟିଲର୍ସ, ଜାଏଣ୍ଟ୍ସ ବିଜୟୀ

**ନୂଆଦିଲ୍ଲୀ, ୧୩।୧୧**

ପ୍ରୋ କବାଡି ଲିଗ୍‌ର ବୁଧବାର ବିଜୟୀ ହୋଇଛନ୍ତି ହରିଆଣା ଷ୍ଟିଲର୍ସ ଓ ଗୁଜରାଟ ଜାଏଣ୍ଟ୍ସ। ପ୍ରଥମ ମ୍ୟାଚ୍‌ରେ ହରିଆଣା ୩୭-୩୨ରେ ପାଟନା ପାଇରେଟ୍ସକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ୪୭-୨୮ରେ ବେଙ୍ଗଲ ୱାରିୟର୍ସଙ୍କୁ ହରାଇଥିଲା। ପାଟନା ବିପକ୍ଷ ମ୍ୟାଚ୍‌ରେ ହରିଆଣା ପକ୍ଷରୁ ବିନୟ ଓ ଶାଦଲୌଇ ୬ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଶିବମ ପଟାରେ ଓ ରାହୁଲ ସେଥପାଲ ୫ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ପାଟନା ପକ୍ଷରୁ ଦେବାଙ୍କ ଓ ଆୟନ ୭ ପଏଣ୍ଟ ଲେଖାଏ ସ୍କୋର କରିଥିବା ବେଳେ ଅନ୍ୟ ମାନଙ୍କ ପ୍ରଦର୍ଶନ ସାଧାରଣ ରହିଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ପକ୍ଷରୁ ଗୁମାନ ସିଂ ଚମତ୍କାର ପ୍ରଦର୍ଶନ କରି ଏକାକୀ ୧୭ ପଏଣ୍ଟ ସ୍କୋର କରିଥିଲେ। ପ୍ରତୀକ ଦହିୟା, ହିମାଂଶୁ ଓ ଜୀତେନ୍ଦ୍ର ଯାଦବ ୬ ପଏଣ୍ଟ ଲେଖାଏ ଅର୍ଜନ କରିଥିଲେ। ବେଙ୍ଗଲ ୱାରିୟର୍ସ ପକ୍ଷରୁ ନୀତିନ କୁମାର ସର୍ବାଧିକ ୧୧ ପଏଣ୍ଟ ଅର୍ଜନ କରିଥିଲେ।

# ଜୁନିୟର ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଆହାନ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

ରାଜ୍ୟର ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ଆହାନ ମିଶ୍ର ଅନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ବର୍ଗରେ ସେ ଜୁନିୟର ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ପାଦ ଥାପିଛନ୍ତି। ଜେ୧୦୦ ନାଇରୋବି କେନିୟା ଆଇଟିଏଫ୍ ଇଷ୍ଟ ଆଫ୍ରିକା ଜୁନିୟର ସର୍କିଟ ଟୁର୍ନାମେଣ୍ଟ ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡରେ ସେ ଇସ୍ରାଏଲ୍‌ର ତୋମେର ତିକତିନସ୍କିଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୫୮୧ ର୍ୟାଙ୍କପ୍ରାପ୍ତ ଖେଳାଳି ଅଷ୍ଟ୍ରେଲିଆର ନିକୋଲାସ ବାକରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୧-୬, ୫-୭ରେ ହାରିଯାଇଥିଲେ। ପ୍ରତିଯୋଗିତାରୁ ୫ ଜୁନିୟର ଆଇଟିଏଫ୍ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଥିବାରୁ ଆହାନ ବିଶ୍ୱର ପାଖାପାଖି ୩୦୦୦ ର୍ୟାଙ୍କ୍ ମିଳିବା ଆଶା ରହିଛି। ଏହା ପୂର୍ବରୁ ସେ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇ ନ ଥିଲେ। ଡବଲ୍ସରେ ମଧ୍ୟ ଆହାନ ନିଜ ପ୍ରଦର୍ଶନର ଯାଦୁ ଦେଖାଇଥିଲେ। ଭାରତର ଆବହିରାମ ନିଲାଖେଙ୍କୁ ସାଥିକରି ଖେଳିଥିବା ଆହାନ ପ୍ରଥମ ରାଉଣ୍ଡରେ କେନିୟାର ୱିକ୍ଲିଫେ ବାରାକା ଓ ଏଡୱାର୍ଡ ମାୱାକିଓଙ୍କୁ ସିଧାସଳଖ ୬-୦, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ମାତ୍ର ଆହାନ-ନିଲାଖେ ଯୋଡ଼ି ଦ୍ୱିତୀୟ ରାଉଣ୍ଡରେ ଅଷ୍ଟ୍ରେଲିଆର ନିକୋଲାସ ବାକର ଓ ଫ୍ରାନ୍ସର ଜୁଲେସ ରିମ୍ବାଉଡ୍‌ଙ୍କଠାରୁ ୧-୬, ୬-୩, ୭-୧୦ରେ ହାରି ଯାଇଥିଲେ। ଆହାନ ସମ୍ପ୍ରତି ୧୪ ବର୍ଷରୁ କମ୍ ବାଳକ ବର୍ଗରେ ଭାରତର ନମ୍ବର-୪ ଖେଳାଳି। ପ୍ରତିଷ୍ଠିତ କୋଚ୍ ସନ୍ତୋଷ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ସେ ଏବେ ଓଡ଼ିଶା ଟେନିସ ଏକାଡେମୀରେ ଟ୍ରେନିଂ ନେଉଛନ୍ତି।



ଆହାନ ମିଶ୍ର

**ସିନିୟର ନ୍ୟାଶନାଲ ହକି**

# ସେମିରେ ମଣିପୁରକୁ ଭେଟିବ ଓଡ଼ିଶା

**ଚେନ୍ନାଇ, ୧୩।୧୧ (ପି.ଟି.):** ଚେନ୍ନାଇରେ ଅନୁଷ୍ଠିତ ସିନିୟର ଜାତୀୟ ହକି ଚାମ୍ପିୟନଶିପ୍‌ର ସେମି ଫାଇନାଲ ଲାଇନ ଅପ୍ ଚୂଡାନ୍ତ ହୋଇଛି। ଓଡ଼ିଶା, ମଣିପୁର, ହରିଆଣା ଓ ଉତ୍ତର ପ୍ରଦେଶ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ସେମି ଫାଇନାଲ ମ୍ୟାଚ୍ ମଣିପୁର-ଓଡ଼ିଶା ଓ ହରିଆଣା-ଉତ୍ତର ପ୍ରଦେଶ ମଧ୍ୟରେ ଖେଳାଯିବ। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୩-୧ ପେନାଲ୍ଟି ଶୁଟ୍ ଆଉଟରେ କର୍ଣ୍ଣାଟକକୁ ହରାଇଥିଲା। ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୩-୩ରେ ରହିଥିଲା। କର୍ଣ୍ଣାଟକ ପକ୍ଷରୁ ପୃଥ୍ୱୀରାଜ ଜି.ଏନ୍(୫), ଭରତ ମହାଲିଙ୍ଗପ୍ପା(୧୧) ଓ ବିଶ୍ୱାସ ଜି(୨୬) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଓଡ଼ିଶା ପକ୍ଷରୁ ମଙ୍ଗଲ ଲୋହାର(୧୪), ଶିଳାନନ୍ଦ ଲାକ୍ରା(୨୦) ଓ ପ୍ରତାପ ଲାକ୍ରା(୫୦) ମିନିଟରେ ସ୍କୋର କରିଥିଲେ। ଶୁଟଆଉଟରେ ଓଡ଼ିଶା ଗୋଲକିପର ସାହିଲ ନାୟକ ଚମତ୍କାର ପ୍ରଦର୍ଶନ କରି ମାତ୍ର ଗୋଟିଏ ଗୋଲ ବରଣ କରିଥିଲେ। ଅନ୍ୟ ପକ୍ଷରେ ଦଳ ପକ୍ଷରୁ ସୁଦୀପ୍ ଚିରାମକୋ, ମାଟିଆସ୍ ଡାଙ୍ଗ ଓ ଶିଳାନନ୍ଦ ଲାକ୍ରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ବାଳିକା ଓ ବାଳକରେ ପୁରୀ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟ ଯୁବ ବାସ୍କେଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ବାଳିକା ଓ ବାଳକ ବିଭାଗରେ ଚାମ୍ପିୟନ ହୋଇ ପୁରୀ ଟାଇଟଲ ସୁଇପ୍ କରିଛି। ବାଳିକା ବିଭାଗ ଫାଇନାଲରେ ପୁରୀ ୬୩-୪୫ ପଏଣ୍ଟରେ କଟକର ଏଣ୍ଟରଟେନ୍‌କୁ ଏବଂ ବାଳକ ଫାଇନାଲରେ ପୁରୀ ୭୩-୬୫ ପଏଣ୍ଟରେ କଟକର ଓଏସସିକୁ ପରାସ୍ତ କରିଛି। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ଏବଂ ଆଶୀର୍ବାଦ ବେହେରା ଓ ଅଭିଜିତ ପାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ବାସ୍କେଟବଲ ସଂଘ ସମ୍ପାଦକ ଅଶୋକ ସାହୁ, ସଭାପତି ଜ୍ଞାନ ରଞ୍ଜନ ପରିଡ଼ା, ଉପସଭାପତି ଏନ.ବି. ଯାଦବ, ପ୍ରଦୀନ ବେହେରା, ଅମିତ ଦାସମହାପାତ୍ର, ଦ୍ୱାରିକା ମହାନ୍ତି ଓ ଅନ୍ୟ ସଦସମାନେ ଉପସ୍ଥିତ ଥିଲେ। ସୁଧିର ପରିଡ଼ା, ଗୋରାଚାନ୍ଦ ମହାନ୍ତି, ଜୁବେର ଅଲୀ ଖାଁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।



ଚାମ୍ପିୟନ ପୁରୀ ବାଳିକା ଦଳର ଖେଳାଳିମାନେ ଅତିଥିଙ୍କ ସହ।

# ସମ୍ବଲପୁର, କିଟ୍‌କୁ ସର୍ବଭାରତୀୟ ଯୋଗ୍ୟତା


କିଟ୍ ବିଶ୍ୱବିଦ୍ୟାଳୟ ମହିଳା ହକି ଦଳ।

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରାଉରକେଲାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତାରେ ସମ୍ବଲପୁର ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। ସେମିଫାଇନାଲରେ ପ୍ରବେଶ ସହ ଉଭୟ ଦଳ ସର୍ବଭାରତୀୟ ପ୍ରତିଯୋଗିତା ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କିଟ୍ ଦଳ କଲିକତା ବିଶ୍ୱବିଦ୍ୟାଳୟକୁ ୯-୦, ସମ୍ବଲପୁର ଦଳ ହଜାରିବାଗ୍‌ର ବିନୋବା ଭାବେ ବିଶ୍ୱବିଦ୍ୟାଳୟକୁ ୬-୦, ବୀର ବାହାଦୂର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଛତିଶଗଡ଼ର ଶହୀଦ ନନ୍ଦକୁମାର ପଟେଲ ବିଶ୍ୱବିଦ୍ୟାଳୟକୁ ୧୨-୦ ଓ ରାଞ୍ଚି ବିଶ୍ୱବିଦ୍ୟାଳୟ ୮-୦ ଗୋଲରେ ଦୁର୍ଗର ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଏହି ଟପ୍-୪ ଟିମ୍ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ପାଇଛି। ନର୍ଥ, ସାଉଥ୍, ଇଷ୍ଟ ଓ ୱେଷ୍ଟ ଜୋନ୍‌ର ଶ୍ରେଷ୍ଠ ୧୬ ଦଳକୁ ନେଇ ସର୍ବଭାରତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରକାଶ ଯୋଗ୍ୟ ଯେ, କ୍ରମାଗତ ଦ୍ୱିତୀୟ ଥରପାଇଁ ସମ୍ବଲପୁର ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳକୁ ସର୍ବଭାରତୀୟ ଯୋଗ୍ୟତା ମିଳିଛି।

ଗତ ୧୧ରେ ପୂର୍ବାଞ୍ଚଳ ପ୍ରତିଯୋଗିତାକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରେଜିଷ୍ଟ୍ରାର ନୃପରାଜ ସାହୁ, ପିଜିସି ଚେୟାରମ୍ୟାନ ତୁଷାରକାନ୍ତି ଦାସ, କଲେଜ ଡେଭଲପ୍‌ମେଣ୍ଟ କାଉନସିଲ ନିର୍ଦ୍ଦେଶକ ସଞ୍ଜୁକ୍ତା ଦାସ, କ୍ରୀଡ଼ା ନିର୍ଦ୍ଦେଶକ ତଥା ଆୟୋଜକ କମିଟି ସମ୍ପାଦକ ଦେବେନ୍ଦ୍ର କୁମାର ମହାଲିକ, କ୍ରୀଡ଼ା ଅଧିକାରୀ ଅବିନାଶ କର, ସହକାରୀ ଆୟୋଜକ କମିଟି ସମ୍ପାଦକ କ୍ୟାପଟେନ ସତ୍ୟନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୮ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ

**ଭୁବନେଶ୍ୱର, ୧୩।୧୧ (ତପନ ସ୍ୱାଇଁ)**

**୨୧ ଲକ୍ଷ ୩୨ ହଜାର ୫୦୦ ଟଙ୍କା ପ୍ରଦାନ**

ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ ଦ୍ୱାରା ଓଡ଼ିଶାକୁ ଗର୍ବିତ କରିଥିବା ୧୨୮ କ୍ରୀଡ଼ାବିତ୍‌ଙ୍କୁ ବୁଧବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୩ ବର୍ଗର କ୍ରୀଡ଼ାବିତ୍‌ଙ୍କୁ ମୋଟ୍ ୨୧ ଲକ୍ଷ ୩୨ ହଜାର ୫୦୦ ଟଙ୍କା ପୁରସ୍କୃତ କରାଯାଇଛି। ଆଥଲେଟିକ୍ସ ବର୍ଗରେ କ୍ରୀଡ଼ାବିତ୍‌ମାନଙ୍କୁ ୧ ଲକ୍ଷ ୮୩ ହଜାର ୫୦୦, କିକ୍ ବକ୍ସିଂରେ ୧୦ ଲକ୍ଷ ୨୨ ହଜାର ଏବଂ ରଗବୀ ଖେଳାଳିଙ୍କୁ ୯ ଲକ୍ଷ ୨୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରତିଭାବାନ୍ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ଦିଗରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅଲମ୍ପିଆନ୍ କିଶୋର ଜେନା, ସ୍ପ୍ରିଣ୍ଟର ଅମୀୟ ମଲିକ, ରଗବୀ ଖେଳାଳି ବର୍ଷାରାଣୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ହକି ପ୍ରମୋଶନ କାଉନସିଲ୍ ସିଇଓ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବୁଧବାର କୃତୀ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଇଛି।

